## ସଂକ୍ଷେପରେ

### ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

**ଛତିଆ, ୧୯।୩(ସୌମ୍ୟ ରଞ୍ଜନ ସାହୁ):** ବଡ଼ଚଣା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ନେଳିଆ ପେଟ୍ରୋଲ ପମ୍ପ ସମ୍ମୁଖରେ ମଙ୍ଗଳବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଟକ ଟାଙ୍ଗୀ ଥାନା ଅନ୍ତର୍ଗତ ରୁଦ୍ରପୁର ଗ୍ରାମର ଦିଲୀପ ବ୍ରହ୍ମ। ଦିଲୀପ ଜଗତପୁରଠାରେ ଥିବା ଏକ କମ୍ପାନୀରେ କାମ କରୁଥିଲେ। ସେ କାର୍ଯ୍ୟସାରି ସାଇକେଲ ଯୋଗେ ଘରକୁ ଫେରୁଥିବାବେଳେ ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବୈରୀ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

#### ହତ୍ୟା ଅଭିଯୋଗ ଆଣିଲେ ଭାଇ

**ପାଣିକୋଇଲି, ୧୯।୩(ବିକାଶ ମଲ୍ଲିକ):** ଯାଜପୁର ସଦର ଥାନା ଅନ୍ତର୍ଗତ ନାଥସାହି ପଞ୍ଚାୟତ ନୂଆପଡ଼ା ଗ୍ରାମର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି ପାଣିକୋଇଲି ପୋଲିସ। ମୃତକ ହେଲେ ଗ୍ରାମର ବାସୁଦେବ ସାହୁଙ୍କ ଝିଅ ପ୍ରିୟଙ୍କା(୨୩)। ଏନେଇ ଯୁବତୀଙ୍କ ଭାଇ ଧିରେଶ ଥାନାରେ ତାଙ୍କ ଭଉଣୀଙ୍କୁ କେହି ମାରି ଟାଙ୍ଗି ଦେଇଥିବା ଅଭିଯାଗ କରିଛନ୍ତି। ପାଣିକୋଇଲି ଥାନା ଅଧିକାରୀ ଲିଜାରାଣୀ ବିଶ୍ୱାଳ, କୋରେଇ ଥାନାଧିକାରୀ ସୁମତି ମହାନ୍ତି ଓ ଯାଜପୁର ରୋଡ୍ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଘଟଣାସ୍ଥଳକୁ ଯାଇ ସାଇଣ୍ଟିଫିକ ସହାୟତାରେ ତଦନ୍ତ କରିବା ସହ ମୃତଦେହ ଜବତ କରି ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି। ହେଲେ ଯୁବତୀ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ମାରି ଟାଙ୍ଗି ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ।

ପାଣିକୋଇଲି ଥାନା ଅଧୀନ ସନ୍ତରାଛକରେ ଥିବା ଏକ ହୋଟେଲରେ ପ୍ରିୟଙ୍କା କାର୍ଯ୍ୟକରିବା ସହିତ ସଂସ୍କୃତି ଭବନ ପଛପଟେ ଏକ ଭଡ଼ା ଘରେ ରହୁଥିଲେ। ମଙ୍ଗଳବାର ପ୍ରିୟଙ୍କାଙ୍କ ମୃତ୍ୟୁ ହୋଇଥିବା ଖବର ପାଇ ତାଙ୍କ ଭାଇ ଭଡ଼ା ଘରକୁ ଯାଇଥିଲେ। ସେଠାରେ ପ୍ରିୟଙ୍କା ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ଘରର କବାଟ ଖୋଲାଥିଲା ଓ ତାଙ୍କର ପାଦ ଦୁଇଟି ତଳେ ଲାଗିଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ଖବରଦାତା ଦେବୀପ୍ରସନ୍ନ ସାମଲଙ୍କ ପରଲୋକ

**କଳିଙ୍ଗନଗର, ୧୯।୩(ଶୁଭାଶିଷ ରାଉତ):** ଖବରଦାତା ଦେବୀପ୍ରସନ୍ନ ସାମଲଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୫୦ ବର୍ଷ ବୟସ ହୋଇଥିଲା। ସାମଲ ଦୀର୍ଘ ଦିନ ଧରି ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ସକାଳେ ଦେଓଗାଁ କୁସଳେଶ୍ୱରରେ ରହୁଥିବା ଭଡ଼ାଘରୁ କଟକ ଯିବା ପାଇଁ ବାହାରୁଥିବା ସମୟରେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଖବରଦାତା ସହ କେନ୍ଦୁଝର ଜିଲାର ଏକ ଘରୋଇ କଲେଜରେ କ୍ଲର୍କ ଭାବେ କାମ କରୁଥିଲେ। ଅଲ ଇଣ୍ଡିଆ ହ୍ୟୁମାନ ରାଇଟ୍ସ କମିଶନର ଦକ୍ଷ କର୍ମୀ ଭାବେ ବହୁ ସମୟରେ ସାଧାରଣ ଲୋକଙ୍କୁ ନ୍ୟାୟଦେବା ପାଇଁ କାମ କରୁଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, କଳିଙ୍ଗନଗର ପ୍ରେସ୍‌କ୍ଲବର ସମସ୍ତ ସଦସ୍ୟ ଓ କଳିଙ୍ଗନଗର ବୁଲେଟିନର ସମ୍ପାଦକ ହାରଧନ ବାନାର୍ଜୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଘଷିପୁରାର ବିଜେଡି ନେତା ଦେବାଶିଷ ପାତ୍ର, ଦାନଗଦି ବ୍ଲକ ଅଧକ୍ଷା ଅର୍ଚ୍ଚନା ଦାସ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, କଳିଙ୍ଗନଗର ବିକାଶ ମଞ୍ଚ ସଭାପତି ସୁବାସ ଚନ୍ଦ୍ର ବଳ, କଂଗ୍ରେସ ନେତା ଦାମୋଦର ପୁହାଣ, ଭାଜପା ନେତା ଆଲେକଜାଣ୍ଡର ଦାସ ଓ ନିତ୍ୟାନନ୍ଦ ମହାଳିକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ମହିଳା, ଶିଶୁଙ୍କ ସୁରକ୍ଷା ଦିଗରେ ପୋଲିସ ଯତ୍ନବାନ୍ ଅଛି

## ମହିଳା, ଶିଶୁ ସୁରକ୍ଷା ଉପରେ ପ୍ରଶିକ୍ଷଣ ଶିବିର



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

**ପାଣିକୋଇଲି, ୧୯।୩(ବିକାଶ ମଲ୍ଲିକ):** ଶିଶୁ ସରକ୍ଷା ନିୟମ ୨୦୧୨ ଓ ବାଲ୍ୟ ବିବାହ ନିଷେଧ ଅଧିନିୟମ ୨୦୦୬ ସମ୍ପର୍କିତ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଟାଟା ଷ୍ଟିଲ୍ ଫାଉଣ୍ଡେଶନ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ ଯୋଗଦେଇ ମହିଳା ଓ ଶିଶୁଙ୍କ ସୁରକ୍ଷା ଦିଗରେ ଯାଜପୁର ପୋଲିସ ଯତ୍ନବାନ ଅଛି। ତେଣୁ ମହିଳା ହିଂସା, ଯୌନ ନିର୍ଯାତନା, ଶିଶୁ ଓ ମାନବ ଚାଲାଣ, ବାଲ୍ୟ ବିବାହ ଏବଂ ଶିଶୁ ଶ୍ରମିକ ଭଳି କୁପ୍ରଥାକୁ ବିଲୋପ କରିବା ଲାଗି ସରକାରଙ୍କ ଉପଲବ୍ଧ ଆଇନ କାର୍ଯ୍ୟକାରୀ କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତଥା ଅଧକ୍ଷ (ମହିଳା ଅପରାଧ ଅନୁସନ୍ଧାନ ସଂସ୍ଥା) ଶୀତିକଣ୍ଠ କାନୁନଗୋ ଯୋଗଦେଇ ଦେଶର ସାମ୍ବଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ମହିଳାଙ୍କର ନ୍ୟାୟ ପାଇବାର ଅଧିକାର ଅଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିନିମନ୍ତେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ।

ଶିବିରରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଯୋଗଦେଇ ତୃଣମୂଳସ୍ତରରୁ ଶିଶୁ ଓ ମହିଳାଙ୍କୁ ସ୍ୱାବଲମ୍ବୀ ହେବା ଲାଗି ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି, ଜନନୀ ସୁରକ୍ଷା ଯୋଜନା, ବେଟି ବଚାଓ ବେଟି ପଢ଼ାଓ, ଆଶୀର୍ବାଦ ଯୋଜନା ଓ ମିଶନ ବାତ୍ସଲ୍ୟ ଯୋଜନା ବିଷୟରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ଜିଲା ସମାଜ କଲ୍ୟାଣ ବିଭାଗର ସୁରକ୍ଷା ଅଧିକାରୀ ସରୋଜିନୀ ଦାସ, କ୍ରିଷ୍ଟା ମହାପାତ୍ର, ଶିଶୁ ସୁରକ୍ଷା ୟୁନିଟର କାଳୀପ୍ରସାଦ ସାହୁ, ବିଶ୍ୱନାଥ ଦାଶ, ସମସ୍ତ ଥାନାଧିକାରୀ, ଟାଟା ଷ୍ଟିଲ ଫାଉଣ୍ଡେଶନର ବ୍ଲକ ସଂଯୋଜକ ବିଶ୍ୱଭୂଷଣ ଦ୍ୱିବେଦୀ ଓ ବରିଷ୍ଠ କର୍ମକର୍ତ୍ତା ଅଂଶଗ୍ରହଣ କରି ନିଜ ମତପ୍ରକାଶ କରିଥିଲେ। ଶିଶୁ ସୁରକ୍ଷା ୟୁନିଟର ଆଇନ ଅଧିକାରୀ ତପନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଦେଇଥିଲେ।



ଧର୍ମଶାଳା ପୋଲିସ ପକ୍ଷରୁ ମଙ୍ଗଳବାର ଫ୍ଲାଗମାର୍ଚ୍ଚ କରାଯାଉଛି।

## ଧର୍ମଶାଳା ପୋଲିସର ଫ୍ଲାଗମାର୍ଚ୍ଚ

**ଧର୍ମଶାଳା, ୧୯।୩(ବଟକୃଷ୍ଣ ପରିଡ଼ା):** ଆଗାମୀ ସଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଧର୍ମଶାଳା ପୋଲିସ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ୨ ପ୍ଲାଟୁନ ପୋଲିସ ଫୋର୍ସ ସହ ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ଓ ଅନ୍ୟ ପୋଲିସ ସହକର୍ମୀଙ୍କୁ ନେଇ ଜାରକା ବିଟହାଉସ ନିକଟରୁ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଥିଲା। ପରେ ନାକପୋଲ, ପାଟପୁର, ମିର୍ଜାପୁର ଓ କାଏମା ଆଦି ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ଫ୍ଲାଗ ମାର୍ଚ୍ଚବେଳେ ନିର୍ବାଚନରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ସାଧାରଣ ଲୋକଙ୍କୁ ବାର୍ତ୍ତା ଦିଆଯାଇଥିଲା।

## ଭାଜପାର ମଣ୍ଡଳସ୍ତରୀୟ ବୁଥ୍ ସଶକ୍ତୀକରଣ ବୈଠକ

**ପାଣିକୋଇଲି, ୧୯।୩(ବିକାଶ ମଲ୍ଲିକ):** ଆଗାମୀ ସାଧାରଣ ନିର୍ବାଚନକୁ ଲକ୍ଷ୍ୟ ରଖି କୋରେଇ ବ୍ଲକ ଭାଜପାର ଖରସ୍ରୋତା ମଣ୍ଡଳ ଅଧୀନ ୯ ପଞ୍ଚାୟତର ବୁଥ କମିଟି ସଶକ୍ତୀକରଣ ବୈଠକ ପଥରପଦାସ୍ଥିତ ମା' ନେକୁରୁଣୁଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ମଣ୍ଡଳ ସଭାପତି ପ୍ରମୋଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରେଇ ଭାଜପା ନେତା ବିଶ୍ୱଜିତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ବିକାଶରେ କେନ୍ଦ୍ର ସରକାରଙ୍କ ଯୋଗଦାନ ଉପରେ ସମସ୍ତଙ୍କୁ ଅବଗତ କରାଇବାକୁ ୫ ଜଣିଆ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ଲୋକସଭା ସଂଯୋଜକ ବିକ୍ରମ ବିଶ୍ୱାଳ, ଜିଲା ଉପସଭାପତି ପ୍ରମୋଦ ନାୟକ, ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ଲୀଳାବତୀ ସ୍ୱାଇଁ, ମଣ୍ଡଳ ପ୍ରଭାରୀ ଶଶୀଭୂଷଣ ସେନାପତି ଓ ମହିଳା ମୋର୍ଚ୍ଚା ସଭାପତି ରଞ୍ଜିତା ପରିଡ଼ାଙ୍କ ସମେତ ୯ ପଞ୍ଚାୟତର ସଭାପତି, ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ଏବଂ କର୍ମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଭାଜପା ନେତା ଓ କର୍ମୀ।

## ସ୍ୱାମୀ ପରିତ୍ୟକ୍ତାଙ୍କ ପାଖରେ ପହଞ୍ଚିଲା ପ୍ରଶାସନ



ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝୁଛନ୍ତି ବିଡିଓ।

**ରସୁଲପୁର, ୧୯।୩(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଗନ୍ଧଣ ପଞ୍ଚାୟତର ମେଗା ଲିଫ୍ଟ ଇରିଗେସନ ପାଇପ୍ ଲାଇନରେ କାର୍ଯ୍ୟକରୁଥିବା ସ୍ୱାମୀ ପରିତ୍ୟକ୍ତା ଅନୁସୂୟା ମୁଣ୍ଡାଙ୍କ ନିକଟରେ ପହଞ୍ଚିଛି ବ୍ଲକ୍ ପ୍ରଶାସନ। କିଛି ଦିନ ହେବ ସେ ଅସୁସ୍ଥ ହେବା ସହ ଖାଦ୍ୟ ଖାଉ ନ ଥିଲେ। ତାଙ୍କୁ ଚିକିତ୍ସା କରିବା ପାଇଁ କେହି ନ ଥିବାରୁ ସେ ଶଯ୍ୟାଶାୟୀ ହୋଇପଡ଼ିଥିଲେ। ଏ ଖବର ସାମାଜିକ କର୍ମୀଙ୍କ ଦୃଷ୍ଟିକୁ ଆସିବାରୁ ସେମାନେ ଏକ୍ସ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିରୁ ଅବଗତ ହୋଇ ବିଡିଓ ଅବନିକାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ତାଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ଆମ୍ବୁଲାନ୍ସ ସହାୟତା ଲୋଡା ଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଧୀର ସାହୁଙ୍କ ନିର୍ଦ୍ଦେଶକ୍ରମେ ଆମ୍ବୁଲାନ୍ସ ମହିଳାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲା। ଚିକିତ୍ସା ପରେ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ବିଡିଓ ମହିଳାଙ୍କ ସ୍ୱାସ୍ଥ୍ୟ ସେବା ଅନୁଧ୍ୟାନ କରିବା ସହ ଶୁଖିଲା ଖାଦ୍ୟ ସହାୟତା ପ୍ରଦାନ କରିବା ପରେ ତାଙ୍କୁ ଘରେ ଛାଡ଼ି ଦିଆଯାଇଛି।

## ପାଣିକୋଇଲି ମେଳଣ ପ୍ରସ୍ତୁତି ବୈଠକ

**ପାଣିକୋଇଲି, ୧୯।୩(ବିକାଶ ମଲ୍ଲିକ):** ପାଣିକୋଇଲି ଦୋଳ ମେଳଣ ଲାଗି ଏକ ପ୍ରସ୍ତୁତିବୈଠକ ସ୍ଥାନୀୟ ମା'ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣ ଏପ୍ରିଲ ୧ ତାରିଖ ରାତିରେ ଆରମ୍ଭ ହୋଇ ୨ ତାରିଖ ସକାଳେ ଶେଷହେବ ବୋଲି ସ୍ଥିର କରାଯାଇଛି। ପାଣିକୋଇଲି ପୋଲିସ ଓ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାରେ ମେଳଣ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ମେଳଣ କମିଟି ଉପଦେଷ୍ଟା ଅଦ୍ୱୈତ୍ୟ ଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ଘନଶ୍ୟାମ ପଣ୍ଡା, ସମ୍ପାଦକ ଅଜୟ ମଲ୍ଲିକ, ରାଧେଶ୍ୟାମ ସାହୁ, ସୁବାସ ଧଳ, ରଘୁନାଥ ମାଝି, ମଧୁସୁଦନ ସାହୁ, ଅଶୋକ ପଣ୍ଡା, କାର୍ତ୍ତିକ ମଲ୍ଲିକ, ବୃନ୍ଦାବନ ମହାକୁଡ଼, ଶତୃଘ୍ନ ମହି, ଶ୍ରୀଧର ବେହେରା, ପୀତବାସ ବେହେରା, ସୂର୍ଯ୍ୟମଣି ପଣ୍ଡା, ଦଶରଥ ଦଳାଇ, ଅନିରୁଦ୍ଧ ସ୍ୱାଇଁ, ସୋମନାଥ ନାୟକ, କେଶବ ଚନ୍ଦ୍ର ଭୁକ୍ତା, ଦିଲୀପ ନାୟକ, ନିର୍ମଳ ମଲ୍ଲିକ, ଶ୍ୟାମସୁନ୍ଦର ସାମଲ, ଦୀପୁ ପରିଡ଼ା, ତାରିଣୀ ପଟ୍ଟନାୟକ ଓ କପିଳେଶ୍ୱର ରଣାଙ୍କ ସମେତ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ପ୍ରଭାକର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ କଏଲ, ଅଏଲ୍ ଚୋରି: ୨ ଗିରଫ



ଅନ୍ତର୍ଯ୍ୟାମୀ ଦାସ



ରାଜୁ ମୁଣ୍ଡା

**ପାଣିକୋଇଲି, ୧୯।୩ (ବିକାଶ ମଲ୍ଲିକ):** ପାଣିକୋଇଲିଠାରେ ନିର୍ମାଣାଧୀନ ଟ୍ରମା କେୟାରର ପରିଚାଳନା ନିମନ୍ତେ ଅବସ୍ଥାପିତ ୨ ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ କଏଲ ଓ ତେଲ ଚୋରି ହୋଇଛି। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପାଣିକୋଇଲି ଥାନା କାଜିପାଟଣା ଗ୍ରାମର ଅନ୍ତର୍ଯ୍ୟାମୀ ଦାସ ଓରଫ୍ ଲିକୁ (୩୩) ଓ କେନ୍ଦୁଝର ଜିଲା କାଳୀହାଟ ଥାନା ବାଲଝୋଡ଼ି ଗ୍ରାମର ରାଜୁ ମୁଣ୍ଡା(୪୦)।

ପାଣିକୋଇଲି ଥାନାଠାରୁ ଅନତି ଦୂରରେ ଟ୍ରମା କେୟାର ସେଣ୍ଟର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଉକ୍ତ ଟ୍ରମା କେୟାର ସେଣ୍ଟରକୁ ବିଦ୍ୟୁତ୍ ଯୋଗାଣ ନିମନ୍ତେ (୩୩ କେଭି/୪୪୦ ଭୋଲ୍ଟ ଓ ୭୫୦ କେଭିଏ) ଟ୍ରାନ୍ସଫର୍ମର ଅବସ୍ଥାପିତ ହୋଇଛି। ଉକ୍ତ ୨ ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ଯୋଗାଣ ହୋଇ ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଗତ ୮ ଓ ୯ ରାତିରେ ଟ୍ରାନ୍ସଫର୍ମରରୁ ଚୋରି କରିଥିଲେ। ଟ୍ରମା କେୟାରରେ କାର୍ଯ୍ୟରତ ଶିବପ୍ରସାଦ ଜେନା ନାମକ ବ୍ୟକ୍ତି ରାତିରେ ଶୌଚ ହେବା ଲାଗି ଉଠିବା ବେଳକୁ ଦୁଇ ଅଭିଯୁକ୍ତ କିଛି ସାମଗ୍ରୀ ଧରି ପାଚେରି ନିକଟରେ ଲୁଚିଥିବା ଦେଖିବାକୁ ପାଇଥିଲେ। ପରଦିନ ଟ୍ରାନ୍ସଫର୍ମରରୁ ଚୋରି ହେବା ନେଇ ଜଣାପଡ଼ିବା ପରେ ସେ ବିଦ୍ୟୁତ୍ ଠିକା କମ୍ପାନୀର ପରିଚାଳକ ଦୀପ୍ତିରଞ୍ଜନ ନନ୍ଦଙ୍କୁ ଜଣାଇଥିଲେ। ପରେ ଦୀପ୍ତିରଞ୍ଜନ ଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୩୫/୨୩ ରୁଜୁ କରି ତଦନ୍ତ ଚାଲୁ ରଖିଥିଲା। ଅଭିଯୁକ୍ତଙ୍କୁ ପୁଲିସ ଥାନାକୁ ଆଣି ଜେରା କରିବା ପରେ ସେମାନେ ନିଜ ଦୋଷକୁ ସ୍ୱୀକାର କରିଥିଲେ। ପରେ ପୋଲିସ ଅନ୍ତର୍ଯ୍ୟାମୀଙ୍କ ଘରେ ଚଢ଼ାଉ କରି ଚୋରି ସାମଗ୍ରୀ ଜବତ କରିଥିଲା। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି।

## ବାଲିସାହି ମେଳଣ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ମେଳଣ କମିଟିର କର୍ମକର୍ତ୍ତା।

**ଜେନାପୁର, ୧୯।୩(ଅଶୋକ ଦାସ):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ମା' ବାଘୁଆ ବ୍ରାହ୍ମଣୀ ଦେବୀଙ୍କ ପୀଠରେ ପ୍ରସିଦ୍ଧ ବାଲିସାହି ମେଳଣ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଳଣ କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏପ୍ରିଲ ୧ ସୋମବାର ରାଧାକୃଷ୍ଣ ଜୀଉଙ୍କ ୫୨ତମ ବାର୍ଷିକ ମେଳଣ ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ୨ ପଞ୍ଚାୟତର ଯୁବଗୋଷ୍ଠୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। କମିଟି ପକ୍ଷରୁ ମେଳଣରେ ସମସ୍ତ ବ୍ୟବସ୍ଥା କରାଯାଇଛି। ବୈଠକରେ କମିଟି ସମ୍ପାଦକ ପାଣ୍ଡବ ଚରଣ ବେହେରା, ଅକ୍ଷୟ କୁମାର ପ୍ରଧାନ, ବାଇଧର ସାହୁ, ରଘୁନାଥ ପ୍ରଧାନ, ପବିତ୍ର କୁମାର ସାହୁ, କୈଳାଶ ଚନ୍ଦ୍ର ରାଉତ, ଦୁଷ୍ମନ୍ତ ବଳ, ପ୍ରଫୁଲ୍ଲ କୁମାର ସାହୁ, ବଂଶୀଧର ମହାରଣା, ଗଙ୍ଗା ପଣ୍ଡା, ପ୍ରତାପ ପ୍ରଧାନ, ଶତ୍ରୁଘନ ପୃଷ୍ଟି, ସୁଶାନ୍ତ ପ୍ରଧାନ ଓ ଶୁଭେନ୍ଦୁ ବେହେରାଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଯୁବକଙ୍କ ଆତ୍ମହତ୍ୟା

**ଧର୍ମଶାଳା, ୧୯।୩(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ଥାନା ପାଟପୁର ପଞ୍ଚାୟତ ଚତ୍ରପଦା ଗ୍ରାମରେ ମଙ୍ଗଳବାର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଗ୍ରାମର ଗୌରାଙ୍ଗ ଦାସଙ୍କ ପୁଅ ବିଶ୍ୱଜିତ(୨୨)। ମଧ୍ୟାହ୍ନ ୧ଟାରେ ସେ ଘରେ କବାଟ ଦେଇ ବେକରେ ରଶି ଲଗାଇ ଫ୍ୟାନରେ ଝୁଲିପଡ଼ିଥିଲେ। ପରିବାର ଲୋକେ କବାଟ ଭାଙ୍ଗି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ପରିବାର ଥାନାରେ ଲିଖିତ ଭାବେ ଜଣାଇବା ପରେ ପୋଲିସ ଏକ ଅପମୃତ୍ୟୁ ମାମାଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ ଚଳାଇଛି। ତେବେ ସେ କାହିଁକି ଆତ୍ମହତ୍ୟା କଲେ ତାହା ଜଣାପଡ଼ିନାହିଁ।

## ଶନିଶ୍ଚରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

**ରସୁଲପୁର, ୧୯।୩(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ଶନିଶ୍ଚରଙ୍କ ୬ଷ୍ଠ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୨ଦିନ ବ୍ୟାପୀ ଯଜ୍ଞଉତ୍ସବରେ ଗ୍ରାମ ମୁରବୀ ଭୀମସେନ ପଡ଼ିହାରୀ ସସ୍ତ୍ରିକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସୋମବାର ଅଙ୍କୁରାରୋପଣ, କୁଣ୍ଡମଣ୍ଡଳ ସ୍ଥାପନ, ଅଧିବାସ, କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ପ୍ରାତଃ ସମୟରେ ଶନି ଦେବତାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରଭୁଙ୍କ ଷୋଡ଼ଶ ଉପଚାର ପୂଜା, ବଡ଼ ସିଂହାର ବେଶ, ଆଳତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ସୁରେନ୍ଦ୍ର ପଣ୍ଡା ଓ ସାଥିଙ୍କ ଦ୍ୱାରା କୁଣ୍ଡମଣ୍ଡଳ ଶୁଦ୍ଧିକରଣ କରାଯିବା ସହ ବିଧି ମୁତାବକ ଗୋପୂଜା, ଗୁରୁପୂଜା, ସୂର୍ଯ୍ୟପୂଜା, ବେଦପାଠ, ଗାୟତ୍ରୀ ମନ୍ତ୍ର ଓ ଶନିଶ୍ୱରଙ୍କ ମୂଳମନ୍ତ୍ରରେ ୧୦୦୮ ଆହୁତି ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଆଳତୀ ଉତ୍ସବ ଅନୁଷ୍ଠିତ ହେବା ସହ ଯଜ୍ଞକୁଣ୍ଡରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ସକାଳ ଓ ସନ୍ଧ୍ୟାରେ ଭଜନ କୀର୍ତ୍ତନ କରାଯିବା ସହ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବନ୍ଦୋବସ୍ତ କରାଯାଇଥିଲା।

# ଖରସ୍ରୋତା ନଦୀବନ୍ଧ ଗଡ଼ାଣି ବିପଦପୂର୍ଣ୍ଣ

**ସିଂହପୁର, ୧୯।୩ (ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଲେଇ ଚନ୍ଦନପୁର ପଞ୍ଚାୟତ ହରସିଂହପୁର ଗ୍ରାମ ଦାସ ସାହି ଖରସ୍ରୋତା ନଦୀ ବନ୍ଧ ଗଡ଼ା ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବନ୍ଧ ଗଡ଼ା ତିଖା ହୋଇଥିବାରୁ ଲୋକେ ବନ୍ଧକୁ ଉଠିବା କଷ୍ଟକର ହୋଇପଡୁଛି। ବୟସ୍କ ବ୍ୟକ୍ତିମାନେ ଅଧିକ ହୀନସ୍ତା ଭୋଗୁଛନ୍ତି। ବାଇକ୍ ଆରୋହୀ ପଡ଼ି ଆହତ ହେଉଥିବା ଦେଖିବାକୁ ମିଳୁଛି। ଗଡ଼ାଣି ମରାମତି କରିବାକୁ ବାରମ୍ବାର ଲୋକେ ଦାବି କରୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବାରୁ ଜନଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ନଦୀବନ୍ଧ ଗଡ଼ା ମରାମତି କାର୍ଯ୍ୟ କରି ଯାତାୟାତ ସମସ୍ୟା ଦୂର କରିବାକୁ ରବିନାରାୟଣ ଦାଶ, ଭିମସେନ ଦାଶ, ପୁରୁଷୋତ୍ତମ ଦାଶ, ଧନେଶ୍ୱର ଦାଶ, ଘନଶ୍ୟାମ ଦାଶ, ନନ୍ଦକିଶୋର ଦାଶ ନିର୍ମଳ ଦାଶ ଓ ନିରଞ୍ଜନ ଦାଶ ପ୍ରମୁଖ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।



# କାଳବୈଶାଖୀ, ଚିନ୍ତାରେ ମୁଗଚାଷୀ

କୁଜଙ୍ଗ,୧୯।୩ (ମନୋଜ ପ୍ରଧାନ)



- ୫୫୦ ହେକ୍ଟର ଜମିରେ ଚାଷ ପାଇଁ ମୁଗ, ବିରି ମଞ୍ଜି ଯୋଗାଇ ଦିଆଯାଇଛି
- ହଜାର ହେକ୍ଟର ଜମିରେ ମୁଗ ଚାଷ କରାଯାଏ
- ଖରିଫ ଋତୁରେ ବର୍ଷା ଯୋଗୁ ଧାନ ଚାଷରେ କ୍ଷତି ସହିଥିଲେ

କାଳ ବୈଶାଖୀ ପ୍ରଭାବରେ ମଙ୍ଗଳବାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। କୁଜଙ୍ଗରେ ଦିନତମାମ ଝିପିଝିପି ବର୍ଷା ସାଙ୍ଗକୁ ଆକାଶ ମେଘାଚ୍ଛନ୍ନ ରହିଛି ଓ ବୁଧବାର ମଧ୍ୟ ବର୍ଷାହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ମୁଗ ଚାଷ କରିଥିବା ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। କାରଣ ଅଧିକ ବର୍ଷା ହେଲେ ଏହା ପ୍ରଭାବିତ ହେବା ଆଶଙ୍କା ରହିଛି।

କୃଷି ବିଭାଗ ସୂଚନାନୁସାରେ, କୁଜଙ୍ଗ ବ୍ଲକରେ ୪ଶହ ହେକ୍ଟର ଜମିରେ ମୁଗ ଫସଲ ଓ ୧୫୦ ହେକ୍ଟର ଜମିରେ ବିରିଚାଷ ପାଇଁ ମଞ୍ଜି ଯୋଗାଇ ଦିଆଯାଇଛି । ଏପରି ମୋଟ ୫୫୦ ହେକ୍ଟର ଜମିରେ ଚାଷ ପାଇଁ ମୁଗ, ବିରି ମଞ୍ଜି ଯୋଗାଇ ଦିଆଯାଇଛି । ମାତ୍ର ବ୍ଲକରେ ଏହାଠାରୁ ଢେର ଅଧିକ ଜମିରେ ମୁଗ ଫସଲ କରାଯାଇଛି। ବ୍ଲକ ଅଞ୍ଚଳରେ ପ୍ରାୟ ୧୩ ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଏ। ସେଥିରୁ ୫ ହଜାର ହେକ୍ଟର ଜମିରେ ମୁଗ ଚାଷ କରାଯାଏ ବୋଲି ଆଦର୍ଶ ଚାଷୀ ଚିତ୍ତରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଯେଉଁ ଚାଷୀଙ୍କ ଫାର୍ମର ଆଇଡି ଥାଏ ସେମାନଙ୍କୁ ସରକାରଙ୍କ ତରଫରୁ ମଞ୍ଜି ଯୋଗାଇ ଦିଆଯାଏ । ତାହାବି ସବୁ ଆଇଡିଧାରୀଙ୍କୁ ଦିଆଯାଏ ନାହିଁ । କ୍ଷେତ୍ର ଅନୁଧ୍ୟାନ କଲାପରେ ୧୦୦ଜଣରେ ୧୦ ଜଣ ଚାଷୀ ମଞ୍ଜିପାଇଥାନ୍ତି। ଏବେବି ୮୦ଭାଗ ଲୋକ ଫାର୍ମର ଆଇଡି ବିଷୟରେ ଜାଣିନାହାନ୍ତି କି କୃଷି ବିଭାଗ ପକ୍ଷରୁ ସେମାନଙ୍କୁ ସଚେତନ କରାଯାଉନାହିଁ । ଅପରପକ୍ଷେ ଅନେକ ଚାଷୀ ଖରିଫ ଋତୁରେ ସ୍ୱଳ୍ପ ବର୍ଷାଯୋଗୁ ଖର୍ଚ୍ଚାନ୍ତ ହୋଇ ଧାନ ଫସଲରେ କ୍ଷତି ସହିଥିବାବେଳେ, ଚଳିତ ରବି ଋତୁରେ ମୁଗ ଚାଷ ଉପରେ ଆଶା ବାନ୍ଧିଥିଲେ । ମାତ୍ର ଏବେ ଅଧିକ ବର୍ଷା ଆଶଙ୍କା ସେମାନଙ୍କ ଚିନ୍ତା ବଢ଼ାଇଦେଇଛି। ବର୍ତ୍ତମାନ ମୁଗ ଫୁଲ ଧରିବା ଆରମ୍ଭ ହେଉଥିବାରୁ ମଙ୍ଗଳବାର ବର୍ଷା ଆଶୀର୍ବାଦ ବୋଲି ବ୍ଲକ କୃଷି ଅଧିକାରୀ ପ୍ରମୋଦ କୁମାର ପଣ୍ଡା କହିବା ସହ ପାଣିପାଗ ସୂଚନାନୁସାରେ ଯଦି ବୁଧବାର ଅଧିକ ବର୍ଷା ହୋଇ ବିଲରେ ପାଣି ଜମିରହେ ତା'ହେଲେ ମୁଗ ଓ ବିରି ଫସଲ କ୍ଷତିହେବାର ଆଶଙ୍କା ରହିଛି। ଅନ୍ୟପଟେ ଯେଉଁ ମୁଗ ଶୁଖିଯାଇଥିବ ଉପଡା ହୋଇ ନ ଥିବ ତାହା କିଛି ପରିମାଣରେ କ୍ଷତିହେବ ବୋଲି ପଣ୍ଡା କହିଛନ୍ତି ।

# ୭୫ ବୁଥ୍ ପାଇଁ ୮ ସେକ୍ଟର ଅଫିସରଙ୍କୁ ଦାୟିତ୍ୱ



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

ରଘୁନାଥପୁର,୧୯।୩(ରାଜେନ୍ଦ୍ର ନାରାୟଣ ସିଂହ)

ଆଗାମୀ ଲୋକ ସଭା ଓ ବିଧାନସଭା ନିର୍ବାଚନ ଲାଗି ରଘୁନାଥପୁର ବ୍ଲକର ୭୫ଟି ବୁଥ୍ ପାଇଁ ପ୍ରଶାସନ ପକ୍ଷରୁ ୮ ଜଣ ଓ ପୋଲିସ ପ୍ରଶାସନ ପକ୍ଷରୁ ୮ ଜଣ ଅଧିକାରୀଙ୍କୁ ସେକ୍ଟର ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ମଙ୍ଗଳବାର ବ୍ଲକ ସଭାକକ୍ଷରେ ବିଡିଓ ନମିତା ବାରିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ମାରକ କୁମାର ମହାନ୍ତି ଏହାକୁ ପରିଚାଳନା କରିଥିଲେ। ନିର୍ବାଚନକୁ ଅବାଧ ମୁକ୍ତ ଓ ଶୃଙ୍ଖଳା ରକ୍ଷା କରିବା କ୍ଷେତ୍ରରେ ଏମାନଙ୍କ ଉପରେ ଗୁରୁଦାୟିତ୍ୱ ରହିଛି। ବୁଥ୍ ନଂ.୩୪ରୁ ୪୨ ପର୍ଯ୍ୟନ୍ତ ପିଇଓ ସୁଚିତ୍ର ନନ୍ଦ ଓ ଏଏସ୍ଆଇ ବିଳାସିନୀ ବେହେରା, ୪୩ରୁ ୫୧ ପର୍ଯ୍ୟନ୍ତ ଏଆର୍ଆଇ ମଣିକାନ୍ତ ବିଶ୍ୱାଳ ଓ ଏଏସ୍ଆଇ ସଞ୍ଜୟ କୁମାର ଦଣ୍ଡପାଟ, ୫୨ରୁ ୬୧ ପର୍ଯ୍ୟନ୍ତ ରେଭିନ୍ୟୁ ସୁପରଭାଇଜର ସୁଦାମ ଚରଣ ଗୁରୁ ଓ ଏଏସ୍ଆଇ ଅଯୋଧ୍ୟା ନାୟକ, ୬୨ରୁ ୬୫ ଓ ୧୧୧ରୁ୧୧୬ ପର୍ଯ୍ୟନ୍ତ ଯନ୍ତ୍ରୀ ସଞ୍ଜୁକିଷାନ ଓ ଏସ୍ଆଇ ଯୋଗେଶ୍ୱର ବେହେରା, ୧୧୭ରୁ ୧୨୫ ଓ ୧୯୭ ପାଇଁ ଆର୍ଆଇ ଅରୁଣ କୁମାର ସାମଲ ଓ ଏଏସ୍ଆଇ ସୋଫିଆ ବେଗମ, ୧୨୬ ରୁ ୧୨୮ ଓ ୧୮୩ ରୁ ୧୮୯ ପାଇଁ ପିଇଓ ମନୋଜ ଭୋଇ ଓ ଏସଆଇ ରତିକାନ୍ତ ସାମଲ, ୧୨୯ ଓ ୧୭୪ ରୁ ୧୮୨ ପାଇଁ ପିଇଓ କୁଞ୍ଜବିହାରୀ ପ୍ରଧାନ ଏବଂ ଏଏସ୍ଆଇ ଚୌଧୁରୀ ଶଶୀଭୂଷଣ ଲେଙ୍କା,୧୯୦ ରୁ ୧୯୬ ପର୍ଯ୍ୟନ୍ତ ପିଇଓ ଦୁଃଖୀଶ୍ୟାମ ମୁର୍ମୁ ଓ ଏସ୍ଆଇ ତରୁଣ କୁମାର ଦଣ୍ଡପାଟ ସେକ୍ଟର ଅଫିସର ଭାବେ ଦାୟିତ୍ୱ ନିର୍ବାହ କରିବେ। ଅତିରିକ୍ତ ଭାବେ ୨ ଜଣଙ୍କୁ ସେକ୍ଟର ଅଫିସର ରିଜର୍ଭ ରଖାଯାଇଥିବା ବିଡିଓ ବାରିକ ସୂଚନା ଦେଇଛନ୍ତି।

# ଜିଲା ଓକିଲ ସଂଘ ନିର୍ବାଚନ ପାଇଁ ପରିବେଶ ଚଳଚଞ୍ଚଳ, ନରେଶ ନିର୍ଦ୍ୱନ୍ଦ୍ୱରେ ସମ୍ପାଦକ

ଜଗତ୍‌ସିଂହପୁର,୧୯।୩ (ପ୍ରମୋଦ କୁମାର ନାୟକ)

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ଦ୍ଦେଶନାମା ଅନୁସାରେ ସାରା ରାଜ୍ୟର ସମସ୍ତ ଓକିଲ ସଂଘ ନିର୍ବାଚନ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ଏହି ଅନୁଯାୟୀ ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ଏଥିମଧ୍ୟରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇସାରିଲାଣି। ଏଥର ସଭାପତି ପଦ ପାଇଁ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ରନାଥ ମହାନ୍ତି, ସୁଭାଷ ଭୂଷଣ ମହାପାତ୍ର ଓ ସୁରପ୍ରସାଦ ବାରିକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ଉପସଭାପତି ପଦ ପାଇଁ ୪ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ସେମାନେ ହେଲେ ସରୋଜ କୁମାର ବିଶ୍ୱାଳ, ନୃସିଂହ ଚରଣ ବାରିକ, ଜ୍ଞାନରଞ୍ଜନ ମହାନ୍ତି ଓ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ। କିନ୍ତୁ ମହାନ୍ତିଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଥିଲା ବେଳେ ଆଚାର୍ଯ୍ୟ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିଲେ। ଏନେଇ ବିଶ୍ୱାଳ ଓ ବାରିକ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ବଡ଼କଥା ହେଲା ସମ୍ପାଦକ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେଉନାହିଁ। ଯେଉଁ କାରଣରୁ ଏହି ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ଏକମାତ୍ର ପ୍ରାର୍ଥୀ ନରେଶ ଦାସ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଦାସ ଏଥରକୁ ମିଶାଇ ୪ଥର ସମ୍ପାଦକ ହେବାର ଗୌରବ ହାସଲ କରିଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ପଦବୀ ପାଇଁ ଅମିୟ କୁମାର ମହାପାତ୍ର ଓ ରାମାନନ୍ଦ ପଣ୍ଡା ଏବଂ କୋଷାଧ୍ୟକ୍ଷ ପଦବୀ ପାଇଁ ଦୁର୍ଯ୍ୟୋଧନ ରାଉତ ଓ ବିବେକାନନ୍ଦ ନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। କାର୍ଯ୍ୟକାରିଣୀ ସଦସ୍ୟ (ମହିଳା) ପାଇଁ ପ୍ରମିଳା ମହାରାଜ ଏକମାତ୍ର ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି। ବାକି ୬ଟି ସ୍ଥାନ ପାଇଁ ପ୍ରକାଶ ଚନ୍ଦ୍ର ରାୟ, ଗୋପବନ୍ଧୁ ଚୌଧୁରୀ, ରୁଦ୍ରନାରାୟଣ ନାୟକ, ସୁଦର୍ଶନ ଭୋଇ, ବିଭୁପ୍ରସାଦ ନନ୍ଦ, ସ୍ମୃତିରଞ୍ଜନ ପଣ୍ଡା, ମିହିର ରଞ୍ଜନ ମଲ୍ଲିକ ଓ ପର୍ଶୁରାମ ରାଉତଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନନ୍ଦ ଏହି ନିର୍ବାଚନକୁ ପରିଚାଳନା କରୁଥିବାବେଳେ ଅନ୍ୟ ବରିଷ୍ଠ ଆଇନଜୀବୀ ସୌରୀପ୍ରସାଦ ସ୍ୱାଇଁ, ସଲିଲ କୁମାର ଘୋଷ, ପାର୍ଥସାରଥି ଦାସ, ଯଦୁମଣି ବିଶ୍ୱାଳ, ଅନନ୍ତ ଚରଣ ପରିଡ଼ା, ଚନ୍ଦ୍ରଶେଖର ନାୟକ ଓ ସେଖ ଖୁର୍ସିଦ ଅଲ୍ଲୀ ସହଯୋଗୀ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଛନ୍ତି। ପ୍ରକାଶଯୋଗ୍ୟ, ଗତ ୧୧ ଓ ୧୨ ତାରିଖରେ ନାମାଙ୍କନ ଦାଖଲ ସରିଥିବାବେଳେ ୧୪ରେ ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଥିଲା। ୧୬ରେ ନାମାଙ୍କନପତ୍ର ପ୍ରତ୍ୟାହାର ତାରିଖ ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି।

# ହିନ୍ଦୀ ନାଟକ 'ସ୍ୱାହା'ରେ ସାମାଜିକ ଘଟଣା ପର୍ଯ୍ୟବସିତ



ହିନ୍ଦୀ ନାଟକ 'ସ୍ୱାହା'ର ଏକ ଦୃଶ୍ୟ।

ପାରାଦୀପ,୧୯।୩(ଶରତ ରାଉତ)

**ଏକୋଇଶତମ ଜାତୀୟ ନାଟ ମହୋତ୍ସବ**

ପାରାଦୀପ ବଡ଼ପଡିଆ ଜୟଦେବ ଭବନରେ ମଙ୍ଗଳବାର ସନ୍ଧ୍ୟାରେ କାନମାସ ପକ୍ଷରୁ ଏକୋଇଶତମ ଜାତୀୟ ନାଟ ମହୋତ୍ସବ କାନଫେଷ୍ଟ ଆରମ୍ଭ ହୋଇଛି। ଏହା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାକୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ପୂର୍ବତନ ଉପାଧ୍ୟକ୍ଷ ଏ.କେ.ବୋଷ, ଅନୁଷ୍ଠାନ ସଭାପତି କ୍ୟାପ୍‌ଟେନ୍ ଅତୁଲ୍ୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ଶ୍ରୀମନ ମିଶ୍ର ସଞ୍ଚାଳନ କରିଥିଲେ। ଉଦ୍‌ଘାଟନ ପରେ ହିନ୍ଦୀ ନାଟକ 'ସ୍ୱାହା' ମଞ୍ଚସ୍ଥ ହୋଇଥିଲା। ଉତ୍ତରପ୍ରଦେଶ ଲକ୍ଷ୍ନୌ ସହରର ଦର୍ଶନ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଏବଂ ଶୁଭଦୀପ ରାହାଙ୍କ ନିର୍ଦ୍ଦେଶିତ ନାଟକ ସ୍ୱାହାରେ ସାମାଜିକ ଘଟଣା ସମ୍ପର୍କରେ କଳାକାରମାନେ ଅଭିନୟ କରିଥିଲେ।

# ଆଚରଣ ବିଧି ଲାଗୁ ସତ୍ତ୍ୱେ ହଟୁନି ସରକାରୀ ହୋର୍ଡିଂ

ନାଉଗାଁ,୧୯।୩(ସୁଧା ବେହୁରା)

୨୦୨୪ ସାଧାରଣ ନିର୍ବାଚନ ପାଇଁ ସାରା ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଉକ୍ତ ବିଧି ଅନୁସାରେ ସମସ୍ତ ସରକାରୀ ସ୍ଥାନରୁ ସରକାରୀ ବିଜ୍ଞାପନ ହୋର୍ଡିଂ ଓ ରାଜନୈତିକ ହୋର୍ଡିଂକୁ ହଟାଇବା ପାଇଁ ନିର୍ବାଚନ କମିଶନରଙ୍କ ନିକଟରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଚିଠି (ନଂ. ୮୦୬/୧୬।୩।୨୪) ଅନୁଯାୟୀ, ୨ଟି ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଦ୍ୱୟକୁ ବ୍ଲକର ୧୬ ପଞ୍ଚାୟତରେ ଲଗାଯାଇଥିବା ସରକାରୀ ହୋର୍ଡିଂ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଟିମ୍‌ର ନୋଡାଲ ଅଧିକାରୀ ଭାବେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଙ୍କିତା ଜାଲିଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ବ୍ଲକରେ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର କେଇ ହାତ ଦୂରରେ ସରକାରୀ ହୋର୍ଡିଂ ଲଗାଯାଇଛି। ଏହି ବାଟ ଦେଇ ପ୍ରତ୍ୟହ ବ୍ଲକ କାର୍ଯ୍ୟାଳୟର ଅଧିକାରୀମାନେ ଯାତାୟାତ କରୁଥିବା ବେଳେ କାହାର ଦୃଷ୍ଟି ଉକ୍ତ ହୋର୍ଡିଂ ଉପରେ ନ ପଡିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ସ୍ଥାନୀୟ ପ୍ରଶାସନ ହୋର୍ଡିଂ ହଟାଇବା କାର୍ଯ୍ୟ ଆରମ୍ଭ କରିଥିଲେ ମଧ ତାହା ତ୍ୱରାନ୍ୱିତ ହେଉ ନ ଥିବା ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ସୁନୀଲ ମାଟିଆ ଅଭିଯୋଗ କରିଛନ୍ତି। ଏ ବିଷୟରେ ବିଡିଓ ତପନ ମହାପାତ୍ରଙ୍କୁ ପଚାରିବାରେ, ଯେଉଁ ସ୍ଥାନରେ ହୋର୍ଡିଂ ରହିଛି ଯଥାଶୀଘ୍ର ହଟାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ମତବ୍ୟକ୍ତ କରିଥିଲେ।



ହଟାଯାଇ ନ ଥିବା ସରକାରୀ ହୋର୍ଡିଂ।

# ଘରେ ଘରେ ଶଙ୍ଖ, ବୁଥ୍ କମିଟି ଗଠନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀମାନେ।

ରଘୁନାଥପୁର,୧୯।୩(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ଓ ବୁଥ୍ କମିଟି ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ ଉପସଭାପତି ଚନ୍ଦ୍ରକାନ୍ତ ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ପଞ୍ଚାୟତ ସଭାପତି ଦିଲୀପ ଦାସ ପୌରୋହିତ୍ୟ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ମୋ ପରିବାରର ଉପଦେଷ୍ଟା ଡ. ସୁରେନ୍ଦ୍ରନାଥ ମହାପାତ୍ର ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦଳର ନୀତି, ଆଦର୍ଶ ଓ ଶୃଙ୍ଖଳା ଜ୍ଞାନକୁ ପାଥେୟ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଦୀର୍ଘଦିନ ଧରି ରାଜ୍ୟର ବିକାଶ ଧାରାକୁ ବଜାୟ ରଖିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁନର୍ବାର ଦାୟିତ୍ୱ ପ୍ରଦାନ କରିବା ଆମ୍ଭର ଲକ୍ଷ୍ୟ ହେବା ଉଚିତ ବୋଲି ଡ. ମହାପାତ୍ର ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସହ ପର୍ଯ୍ୟବେକ୍ଷକ ନୀହାର ରଞ୍ଜନ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଥିବା ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କର୍ମୀ, ଯୁବ ଓ ଛାତ୍ର କର୍ମକର୍ତ୍ତା ଏବଂ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ। ଆସନ୍ତା ଶନିବାର ବୁଥ୍‌ସ୍ତରୀୟ କମିଟି ଗଠନ କରାଯିବ ବୋଲି ଉପସଭାପତି ପଣ୍ଡା ପ୍ରକାଶ କରିଥିଲେ। ଶେଷରେ ଶ୍ରୀନିବାସ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମହିମା ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ

ରଘୁନାଥପୁର,୧୯।୩(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜଗଥପୁର ପଞ୍ଚାୟତ ବିରାଟ କଟକସ୍ଥିତ ମହିମା ଆଶ୍ରମ ବଡତୁଙ୍ଗିରେ ମଙ୍ଗଳବାର ୮୧ ତମ ମହିମା ମହୋତ୍ସବ ଓ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପରିଡା ସାହି ଭକ୍ତଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମ ଅବଧୂତ ନକୁଳ ବାବା, ସନ୍ନ୍ୟାସୀ ବାବା, ଲମ୍ବୋଦର ବାବା, ଛାୟାକାନ୍ତ ବାବା, ଉଦ୍ଧବ ବାବା ଓ ସୂର୍ଯ୍ୟମଣି ବାବା ଆହୂତି ପ୍ରଦାନ କରିଥିଲେ। ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଭକ୍ତ ବ୍ରହ୍ମଯଜ୍ଞରେ ପହଞ୍ଚି ଆଶୀର୍ବାଦ ଭିକ୍ଷା କରିବା ସହ ସହଯୋଗ କରିଥିଲେ। ପ୍ରତିବର୍ଷ ଫାଲଗୁନ ଫଗୁ ଦଶମୀରେ ଉକ୍ତ ଉତ୍ସବର ଆୟୋଜନ ହୋଇଥାଏ। ଏହି ଉତ୍ସବରେ ବହୁ ବୃଦ୍ଧାବୃଦ୍ଧ ଓ ଯୁବତୀ, ଯୁବକ ମହିମା ଧର୍ମରେ ଦୀକ୍ଷିତ ହୋଇଥିଲେ। ରାତିରେ ମହିମା ଭଜନ ପରିବେଷଣ କରାଯିବା ସହ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସାଧୁ ଚରଣ ଦାସ, ଅନନ୍ତ ଦାସ, ନଟବର ଦାସ, ସର୍ବେଶ୍ୱର ଦାସ ଓ ଧନେଶ୍ୱର ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ରଘୁନାଥପୁର ଜଗନ୍ନାଥପୁର ପଞ୍ଚାୟତ ବିରାଟ କଟକସ୍ଥିତ ମହିମାଆଶ୍ରମରେ ଚାଲିଥିବା ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ।

# ମହିଳାଙ୍କଠାରୁ ଝାମ୍ପିନେଲେ ୧ଲକ୍ଷ ୫ ହଜାର

ଜଳେଶ୍ୱର, ୧୯।୩(ନବୀନ ସାହୁ)

ବାଲେଶ୍ୱର ଜିଲା ବଡ଼ବଜାର-ଅଗ୍ରୱାଲା ରାସ୍ତାର ଚନ୍ଦନା ପାଖରେ ଥିବା ପାର୍ବତୀ ଇଟାଭାଟି ପାଖରୁ ୨ଜଣ ଯୁବକ କଳା ପଲସରରେ ଆସି ଜଣେ ମହିଳାଙ୍କ ପାଖରୁ ୧ଲକ୍ଷ ୫ହଜାର ଟଙ୍କା ଝାମ୍ପି ନେଇଛନ୍ତି। ଦୁର୍ବୃତ୍ତମାନେ ଜଳେଶ୍ୱର ସହର ଅଭିମୁଖେ ଯାଇ ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟା ବେଳେ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତ ପ୍ରହରାଜପୁର ଗ୍ରାମର ଅଶୋକ ପାଲଙ୍କ ସ୍ତ୍ରୀ ମଞ୍ଜୁଲତା ତାଙ୍କ ପଡୋଶୀ ବିଜୟ ମହାନ୍ତିଙ୍କ ସହିତ ଏକ ସାଇକେଲ ଆସି ଜଳେଶ୍ୱର ଷ୍ଟେଟବ୍ୟାଙ୍କରୁ ୧ଲକ୍ଷ ୫ହଜାର ଟଙ୍କା ବ୍ୟାଙ୍କ ଖାତାରୁ ଉଠାଇଥିଲେ। ସାଇକେଲରେ ପ୍ରହରାଜପୁର ଗ୍ରାମକୁ ଯିବା ବେଳେ ବଡ଼ବଜାର-ଅଗ୍ରୱାଲା ରାସ୍ତାର ଚନ୍ଦନା ପାଖରେ ଥିବା ପାର୍ବତୀ ଇଟାଭାଟି ପାଖରେ ଲୁଟ୍‌ର ଶିକାର ହୋଇଥିଲେ। ମହିଳା ଚିତ୍କାର କରିବାରୁ ଆଖି ପିଛୁଳାକେ ଉଭାନ ହୋଇଯାଇଥିଲେ।

# ଭୂତକୋଠି ପାଲଟିଛି ରାଜୀବ ଗାନ୍ଧୀ ସେବାକେନ୍ଦ୍ର

ରଘୁନାଥପୁର,୧୯।୩(ରାଜେନ୍ଦ୍ର ନାରାୟଣ ସିଂହ)

**ରଘୁନାଥପୁର ପଞ୍ଚାୟତ**

- ନିର୍ମାଣ କାର୍ଯ୍ୟ ଶେଷହେବା ପରଠୁ ବ୍ୟବହାରରେ ଲାଗିନି
- ସେବାକେନ୍ଦ୍ର ସମ୍ମୁଖରେ ପଡ଼ିରହିଛି ଅଳିଆ ଆବର୍ଜନା
- ମରାମତି ନାଁରେ ଅର୍ଥ ଲୁଟ୍



ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମୁଖରେ ପଡିଥିବା ଅଳିଆ ଆବର୍ଜନା।

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଠାରୁ ମାତ୍ର ୪ଶହ ମିଟର ଦୂର କଟକ-ପାରାଦୀପ ରାସ୍ତାର ବଜାର ପଛପାର୍ଶ୍ୱରେ ରହିଛି ରଘୁନାଥପୁର ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର। ଏହା ଏବେ ଭୂତକୋଠି ପାଲଟିଛି। ନିର୍ମାଣ କାର୍ଯ୍ୟ ଶେଷ ହେବା ପରଠୁ ଦିନକ ପାଇଁ ଏହାକୁ ବ୍ୟବହାର କରାଯାଇନାହିଁ। ଅପରପକ୍ଷେ ମରାମତି ପାଇଁ ଆସିଥିବା ଅନୁଦାନ ଟଙ୍କାକୁ ଲୁଟ୍ କରାଯାଇଥିବା ନେଇ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଏହାଛଡ଼ା ସମ୍ମୁଖରେ କୁଢ଼କଢ଼ ଅଳିଆ ପଡ଼ିରହିଛି। ଏନେଇ ସ୍ଥାନୀୟ ଲୋକେ ଅସନ୍ତୋଷବ୍ୟକ୍ତ କରିଛନ୍ତି।

ଗତ ଦଶବର୍ଷ ତଳେ ବଜାର ପଛ ପାର୍ଶ୍ୱ ଏକ ପରିତ୍ୟକ୍ତ ସ୍ଥାନରେ ଅଟକଳ ମୂଲ୍ୟ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ଉକ୍ତ ସେବାକେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ରାସ୍ତା ଓ ବାଲି ଫିଲିଂ ପାଇଁ ୨୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଗତ ୨୦୧୭ରେ ତତ୍କାଳୀନ ସରପଞ୍ଚ ପ୍ରମୋଦ କୁମାର ଜେନା କୌଣସି କାରଣରୁ ଉକ୍ତ ସେବାକେନ୍ଦ୍ରକୁ ପଞ୍ଚାୟତ ଅଧୀନକୁ ଆଣିବା ପାଇଁ ମନା କରିଦେଇଥିଲେ। ଏହାପରେ ଦିନଟିଏ ଜନସାଧାରଣଙ୍କ ସେବାରେ ଏହା ଲାଗିପାରି ନାହିଁ। ଏହାପରେ ସେବାକେନ୍ଦ୍ରର ମରାମତି ପାଇଁ ଆସିଥିବା ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନକୁ ଠିକାଦାର ଓ ଯନ୍ତ୍ରୀ ଚଳୁ କରିଦେଇଥିବା ନେଇ ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସରକାରଙ୍କ ଯୋଜନା ଏଠି ଫେଲ ମାରିଥିବା ଏବଂ ଲକ୍ଷାଧିକ ଟଙ୍କା ପାଣିରେ ପଡିଥିବା କହି ସ୍ଥାନୀୟ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ସେବାକେନ୍ଦ୍ର ସମ୍ମୁଖରେ ଜଳଖିଆ ଓ ପାନ ଦୋକାନ ରହିଛି। ଉକ୍ତ ଦୋକାନୀମାନେ ଦୋକାନରୁ ବାହାରୁଥିବା ଅଇଁଠା ପତ୍ରଠୋଲା, ପଲିଥିନ ଓ ପ୍ଲାଷ୍ଟିକ ବୋତଲ ସେଠାରେ ପକେଇ ଦେଉଛନ୍ତି। ଫଳରେ ପରିବେଶ ଦୂଷିତ ହୋଇଯାଇଛି। ନିକଟରେ ଏକ ଡ୍ରେନ ଥିବାରୁ ଏହାର ଚତୁଃପାର୍ଶ୍ୱ ଲୋକଙ୍କ ଶୌଚ ସ୍ଥାନ ପାଲଟିଯାଇଛି। ବର୍ଷାଦିନେ ଉକ୍ତ ସ୍ଥାନର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଉଛି। ଏଭଳି ପରିତ୍ୟକ୍ତ ସ୍ଥାନରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ ନେଇ ଜାଗା ଚିହ୍ନଟ ଓ ଅନୁମତି ଦେଲା କିଏ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଏଠାରେ କେନ୍ଦ୍ର ନିର୍ମାଣ ହେଲା ତା'ହାଲେ ଏହାକୁ ଲୋକଙ୍କ ସେବାରେ ଉପଲବ୍ଧ ପାଇଁ କାହିଁକି ଆବଶ୍ୟକ ପଦକ୍ଷେପ ନିଆଗଲା ନାହିଁ ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ ଉକ୍ତ ସେବାକେନ୍ଦ୍ରକୁ ଜନତାଙ୍କ ସେବାରେ ଲଗାଇବା ସହ ଏହାର ଟିକିନିଖି ଖର୍ଚ୍ଚର ହିସାବକୁ ତଦନ୍ତ କରିବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ବିଡିଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସେ ମୋବାଇଲ ଫୋନ ଉଠାଇ ନ ଥିଲେ। ଏ ପ୍ରସଙ୍ଗରେ ଏବିଡିଓ ଜ୍ଞାନଦା ନାୟକଙ୍କୁ ପଚାରିବାରୁ ସ୍ଥିତି କ'ଣ ଅଛି ସେ ସମ୍ପର୍କରେ ସେ ଅନୁଧାନ କରିବେ ବୋଲି କହିଛନ୍ତି।

# ପଚ୍ଚାମୁଣ୍ଡାଇରେ ମାଳମାଳ ହୋର୍ଡିଂ, ଟିକସ ଆଦାୟ ଶୂନ

ପଟ୍ଟାମୁଣ୍ଡାଇ, ୧୯।୩( କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌର ପରିଷଦ ବିନା ଅନୁମତିରେ ପୌରାଞ୍ଚଳରେ କୌଣସି ପୋଷ୍ଟର, ବ୍ୟାନର, ହୋର୍ଡିଂ ଆଦିରେ ବିଜ୍ଞାପନ ମାରିବା ଆଇନ ନ ଥିବାବେଳେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରପାଳିକାରେ ଏହା ଖୋଲାଖୋଲି ଉଲ୍ଲଘଂନ ହେଉଥିବା ଦେଖିବାକୁ ମିଳୁଛି। ବେସରକାରୀ ବିଜ୍ଞାପନ ପୋଷ୍ଟର, ବ୍ୟାନର ସହରସାରା ମରାଯାଇଥିବା ବେଳେ ଏହାର ଟିକସ୍ କିଏ ଅସୁଲ କରୁଛି ତାହାର ହିସାବ ପଟ୍ଟାମୁଣ୍ଡାଇ ପୌର ପରିଷଦ କର୍ମଚାରୀଙ୍କ ପାଖରେ ନାହିଁ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ବୋଲି ଅଭିଯୋଗ ହେଉଛି। ଯାହାକୁ ନେଇ ସାଧାରଣରେ ମତପ୍ରକାଶ ପାଉଛି।

ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ପଟ୍ଟାମୁଣ୍ଡାଇ ସହରରେ ଆଜିକାଲି ଯେଉଁଠି ସେଠି ବିଜ୍ଞାପନ ଲଗାଯାଉଛି। ଗଳି କନ୍ଦି, କାନ୍ଥବାଡ କିମ୍ବା ବିଦ୍ୟୁତ୍ ଖୁଣ୍ଟରେ ସବୁଆଡ଼େ ଖାଲି ବିଜ୍ଞାପନ ପୋଷ୍ଟର। ଆଉ ସେଥିରୁ ଅଧିକାଂଶ ଫେକ୍ ଥିବାରୁ ଲୋକମାନେ ଠକେଇର ଶିକାର ହେଉଛନ୍ତି। ଲକ୍ଷାଧିକ ଟଙ୍କା ହାତରୁ ଯାଇଛି। ପଟ୍ଟାମୁଣ୍ଡାଇ ସହରରେ ବେସରକାରୀ ବିଜ୍ଞାପନ ପୋଷ୍ଟରକୁ ଦେଖିଲେ ଲାଗୁଛି ପୌରପାଳିକା ମାସିକ ଟିକସ ଆକାରରେ ରାଜସ୍ୱ ଭଲ ଆଦାୟ କରୁଛି। ମାତ୍ର ସେପରି କିଛି ଅର୍ଥ ଆଦାୟ କରାଯାଉ ନ ଥିବା ଜଣେ ପୌର କର୍ମଚାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ସହରରେ ଥିବା ଦୋକାନୀମାନେ ନିଜ ଦୋକାନ ସମ୍ମୁଖରେ ବୋର୍ଡ ଲଗାଇଥିବା ବେଳେ ଦୋକାନ ଆଗରେ ବଡ଼ବଡ଼ ଷ୍ଟାଣ୍ଡ ହୋର୍ଡିଂ କରି ସର୍ବସାଧାରଣ ରାସ୍ତାକୁ ମଡାଇ ରଖୁଥିବାରୁ ସହରରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ବିଭିନ୍ନ ଛକ ସ୍ଥାନରେ ବିଜ୍ଞାପନ ପାଇଁ ବଡ଼ବଡ଼ ହୋର୍ଡିଂ ଲଗାଯାଇଥିବାରୁ ଅପରପକ୍ଷରୁ ଆସୁଥିବା ଯାନବାହାନ ଦେଖା ନ ଯିବା କାରଣରୁ ଦୁର୍ଘଟଣା ଘଟୁଛି। ବେସରକାରୀ ସଂସ୍ଥାମାନେ ସାରକାରୀ କାନ୍ଥ, ବିଦ୍ୟୁତ୍ ଖୁଣ୍ଟ ଓ ଗଛ ଆଦିରେ ପୋଷ୍ଟର, ବ୍ୟାନର, ହୋର୍ଡିଂ ମାରି ପରିବେଶକୁ ଅପରିଷ୍କାର କରୁଛନ୍ତି। ପୂଜାରାଣୀ ପାତ୍ର କହିଛନ୍ତି, ଆଇନ ଅନୁଯାୟୀ ମଦ, ଗୁଟ୍‌ଖା, ତମାଖୁ ଆଦିର ବିଜ୍ଞାପନ ହୋର୍ଡିଂ ପୋଷ୍ଟର ନିଷିଦ୍ଧ ରହିଛି। ଏହି ସାମଗ୍ରୀର ବିଜ୍ଞାପନ ଦେଇପାରିବେ ନାହିଁ ବୋଲି ଆଇନଗତ ବ୍ୟବସ୍ଥା ଥିବାବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏହି ନିଶାଦ୍ରବ୍ୟର ମାଳମାଳ ବିଜ୍ଞାପନ ହୋର୍ଡିଂ ଦେଖିବାକୁ ମିଳୁଛି। ମାତ୍ର ପଟ୍ଟାମୁଣ୍ଡାଇ ପୌରପାଳିକା ଏଯାବତ୍ ଗୋଟିଏ ହେଲେ ହୋର୍ଡିଂ କିମ୍ବା ବିଜ୍ଞାପନ ଉପରେ ଅଙ୍କୁଶ ଲଗାଇନାହିଁ ବୋଲି ନିଶା ନିବାରଣ କ୍ଷେତ୍ରରେ କାମ କରୁଥିବା ବିଭିନ୍ନ ସଂସ୍ଥା ଖୋଲା ଅଭିଯୋଗ କରୁଛନ୍ତି। ଏମିତିକି ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ଜାତ ସାମଗ୍ରୀ, ଅନ୍ୟାନ୍ୟ ନିଶା ଦ୍ରବ୍ୟର ବ୍ୟବହାର ଓ ବିପ୍ପଣନ କରାଯାଇପାରିବ ନାହିଁ ବୋଲି କୋଟ୍‌ପା ଆଇନରେ କଡା ବ୍ୟବସ୍ଥା ଥିବାବେଳେ ତାହାର ବି ଖୋଲା ଉଲ୍ଲଘଂନ କରାଯାଉଛି। ଏ ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରିଙ୍କୁ ପଚାରିବାରେ ବଡ଼ ବଡ଼ ହୋର୍ଡିଂ ପାଇଁ ଯେଉଁମାନେ ଆସିଛନ୍ତି ସେମାନେ ଟିକସ ଦେଇ ହୋର୍ଡିଂ ଲଗାଇଛନ୍ତି। ମାତ୍ର ଆମ ଅଗୋଚରରେ ଯିଏ ଲଗାଇଛନ୍ତି ତାହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।







ପଟ୍ଟାମୁଣ୍ଡାଇ ସହର ରାସ୍ତା କଡରେ ଲାଗିଥିବା ହୋର୍ଡିଂ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗରେ ସ୍ୱାମୀ ଗିରଫ

ପାଣିକୋଇଲି, ୧୯।୩(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଆକ୍ରମଣ କରିଛନ୍ତି। ଏନେଇ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗ୍ରାମର ନବଘନ ମଳିକ। ନବଘନ ୧୨ ବର୍ଷ ପୂର୍ବେ ସୁଷମାଙ୍କୁ ବିବାହ କରିଥିଲେ। ସେମାନଙ୍କ ୩ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ହେଲେ ନବଘନ ପ୍ରତିଦିନ ମଦ ପିଇ ଆସି ସୁଷମାଙ୍କୁ ମାରଧର କରନ୍ତି। ନିର୍ଯାତନା ଅସହ୍ୟ ହେବାରୁ ସୁଷମା ନବଘନଙ୍କ ନାମରେ ଡିସେମ୍ବର ୯ରେ ଥାନାରେ ଅଭିଯୋଗ କରିବା ସହିତ ଆସି ବାପଘରେ ରହିଥିଲେ। ସୁଷମା ବାପଘରେ ରହିବା ପରେ ନବଘନ ରୁକ୍ମିଣୀ ଜେନା ନାମ୍ନୀ ଜଣେ ମହିଳାଙ୍କୁ ଆଣି ଘରେ ରଖି ତାଙ୍କୁ ସ୍ତ୍ରୀ ମାନ୍ୟତା ଦେଇଥିଲେ। ଉକ୍ତ ଘଟଣା ସୁଷମା ଜାଣିବା ପରେ ସୋମବାର ଶାଶୁଘରକୁ ଆସି ରୁକ୍ମିଣୀଙ୍କୁ ବିରୋଧ କରିଥିଲେ। ଫଳରେ ଦୁଇ ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା। ନବଘନ ଉକ୍ତ ଘଟଣାରେ ପୂର୍ବ ରାଗ ରଖି ସୁଷମାଙ୍କୁ ମାଡ଼ ମାରିବା ସହିତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଗ୍ରାମବାସୀ ପହଞ୍ଚି ସୁଷମାଙ୍କୁ ନବଘନଙ୍କ କବଳରୁ ରକ୍ଷା କରିଥିଲେ। ସୁଷମା କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ସହିତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୪୫।୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଆଇନଜୀବୀଙ୍କ ପରଲୋକ

କେନ୍ଦ୍ରାପଡ଼ା, ୧୯।୩ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ବାର ଆସୋସିଏଶନର ବରିଷ୍ଠ ଆଇନଜୀବୀ ଶାରଦା ପ୍ରସାଦ ଦାସଙ୍କର ହୃଦ୍‌ଘାତରେ ସୋମବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ବାର ଆସୋସିଏଶନ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକଟ କରି ଶବାଧାରରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଆଇନଜୀବୀ ଦାସ ଜଣେ କଳା ସଂସ୍କୃତି ରକ୍ଷକ ଭାବେ ଜଣାଶୁଣା ବ୍ୟକ୍ତିତ୍ୱ। ଶିକ୍ଷାନୁଷ୍ଠାନ, ତୁଳସୀ କଲଚାରଲ ଆସୋସିଏଶନ ସହିତ ବିଭିନ୍ନ ଅନୁଷ୍ଠାନର ପରିଚାଳନାକାରୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତଦେହ ସଂସ୍କାର କଜଳାସ୍ଥିତ ଶ୍ମଶାନରେ ହୋଇଛି।

### ଠାକୁର ଶ୍ରୀ ଶ୍ରୀ ନିଗମାନନ୍ଦ ଭକ୍ତଙ୍କ ପରଲୋକ

ରାଜନଗର, ୧୯।୩(ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଶ୍ରୀ ଶ୍ରୀଠାକୁର ନିଗମାନନ୍ଦ ଆଶ୍ରମର ଭକ୍ତ ସୂର୍ଯ୍ୟମଣି ରାଉତଙ୍କ ପରଲୋକରେ ହୋଇଯାଇଛି। ଆଞ୍ଚଳିକ ସଂଘର ସଭାପତି ବିଜୟ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତିସଭାରେ ଅନିଲ କୁମାର ବଳ, ପ୍ରଶାନ୍ତ କୁମାର ରାଉତ, ଅଶୋକ କୁମାର ମହାନ୍ତି, ଦାମୋଦର ବିଶ୍ୱାଳ, ତ୍ରିଲୋଚନ ବିଶ୍ୱାଳ, ନିରଞ୍ଜନ ପଢିହାରୀଙ୍କ ସମେତ ମହିଳା ସଂଘ, ଟାଉନ ସଂଘ, କେରେଡାଗଡ ସଂଘର ଭକ୍ତମାନେ ଯୋଗଦେଇଥିଲେ।

# ୫-ଟି, ଆମ ଓଡ଼ିଶା ନବୀନ ଓଡ଼ିଶା ଲେଖା ବ୍ୟାଗ୍‌କୁ ଗ୍ରାମବାସୀ ଜାଳିଦେଲେ

ରାଜକନିକା, ୧୯।୩(ସଞ୍ଜୟ କୁମାର ଦାଶ)

ନିର୍ବାଚନୀ ବିଗୁଲ ବାଜିସାରିଲାଣି। ଭୋଟ ପାଇଁ ଆଉ ମାତ୍ର କେତେଟା ଦିନ ଅପେକ୍ଷା। ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ନିଜ ନିଜର ରଣନୀତି ଆରମ୍ଭ ହୋଇଗଲାଣି। ଏହି କ୍ରମରେ ରାଜକନିକା ବ୍ଲକ ପୋଗରପଡ଼ା ପଞ୍ଚାୟତରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ପେଗରପଡ଼ା ପଞ୍ଚାୟତ ସମିତିସଭ୍ୟ ପ୍ରବେସନ ମଲିକଙ୍କ ନେତୃତ୍ୱରେ ରାଜକନିକା-ସିଂହପୁର ଭାୟା କଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ପେଗରପଡ଼ାସ୍ଥିତ ଚଢ଼େଇଖିଆ ସେତୁ ଉପରେ ୫-ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଲେଖାଥିବା ବ୍ୟାଗ୍‌କୁ ଗ୍ରାମବାସୀ ମଙ୍ଗଳବାର ଜାଳି ଦେଇଛନ୍ତି। ରାଜକନିକା ବ୍ଲକ ତଥା ଆଳି ନିର୍ବାଚନମଣ୍ଡଳୀର ଏହା ପ୍ରଥମ ଘଟଣା କହିଲେ ଭୁଲ୍ ହେବନାହିଁ। ତେବେ ଗ୍ରାମବାସୀଙ୍କ କହିବା ଅନୁଯାୟୀ, କେନ୍ଦ୍ର ସରକାର ଆସନ୍ତା ୫ ବର୍ଷ ପାଇଁ ମାଗଣା ରାଶନ ଯୋଗାଇଦେବେ ବୋଲି ପ୍ରଧାନମନ୍ତ୍ରୀ ଏହାକୁ ସାର୍ବଜନୀନ କରି କହିଛନ୍ତି। ରାଜ୍ୟ ସରକାର ସେହି ଲୋକାଭିମୁଖୀ ଯୋଜନାକୁ ହାଇଜାକ୍ କରି ୫-ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଲେଖାଥିବା ଛୋଟ ବଡ଼ ଦୁଇଟି ବ୍ୟାଗ୍ ଦେଇ ଆମେ ରାଶନ ଦେଉଛୁ ବୋଲି କହି ଶସ୍ତା ରାଜନୀତିକୁ ବିରୋଧ କରି ଏହି ବ୍ୟାଗ୍‌ଦ୍ୱୟକୁ ଜାଳି ଦେଇଛୁ ବୋଲି କହିଥିଲେ। ସମିତିସଭ୍ୟ ମଲିକଙ୍କ ଅଭିଯୋଗକ୍ରମେ ପର୍ଯ୍ୟାପ୍ତ ପରିମାଣର ରାଜସ୍ୱ ଖର୍ଚ୍ଚରେ ତିଆରି କରାଯାଇଥିବା ବ୍ୟାଗ୍ ବଦଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ଆଣିପାରିଥାନ୍ତେ। ଏହାବାଦ୍ ଇଣ୍ଡଷ୍ଟ୍ରି କରାଯାଇ ହଜାର ହଜାର ଦାଦନ ରୋକାଯାଇ ପାରିଥାନ୍ତା। ଏହା ନ କରି କେନ୍ଦ୍ର ଯୋଜନାକୁ କୌଶଳକ୍ରମେ ହାଇଜାକ୍ କରି ଶସ୍ତା ବାହାବା ନେଇ ଭୋଟ ବୈତରଣୀ ପାର ହେବାକୁ ମସୁଧା କରିଥିବା ସରକାରଙ୍କ ପ୍ଲାନ ଧରାପଡ଼ିଯାଇଛି। ଲୋକେ ବୁଝିଗଲେଣି, ଉଚିତ୍ ସମୟରେ ଠିକ୍ ଜବାବ ଦେବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପେଗରପଡ଼ା ପଞ୍ଚାୟତର ଦାସସାହି ଗ୍ରାମବାସୀଙ୍କ ସମେତ ପଞ୍ଚାୟତର ଅନ୍ୟ ଗାଁର ଲୋକମାନେ ଉପସ୍ଥିତ ଥିଲେ।



ପେଗରପଡ଼ାସ୍ଥିତ ଚଢ଼େଇଖିଆ ସେତୁ ଉପରେ ସମିତିସଭ୍ୟ ବ୍ୟାଗ୍‌ଗୁଡ଼ିକୁ ପୋଡୁଛନ୍ତି।

### ବ୍ୟବସାୟୀ ଦୋକାନରେ ଟଳି ପଡ଼ିଲେ

ପଟ୍ଟାମୁଣ୍ଡାଇ, ୧୯।୩ (କଳ୍ପତରୁ ନାୟକ

ପଟ୍ଟାମୁଣ୍ଡାଇ ଲକ୍ଷ୍ମୀନାରାୟଣ ବଜାରରେ ଜଳଖିଆ, ଚା' ଦୋକାନ କରିଥିବା ପୋଖରୀଆପଡ଼ା ଗାଁର ସୁରେଶ ଚନ୍ଦ୍ର ବେହେରା(୫୮)ଙ୍କର ସୋମବାର ସନ୍ଧ୍ୟାରେ ଆକସ୍ମିକ ପରଲୋକ ହୋଇଯାଇଛି। ସନ୍ଧ୍ୟାରେ ଦୋକାନରେ ଚା' ତିଆରି କରି ଗ୍ରାହକମାନଙ୍କୁ ଦେଉଥିବାବେଳେ ହଠାତ ଟଳି ପଡ଼ିଥିଲେ। ଦୋକାନରେ ଉପସ୍ଥିତ ଥିବା ଲୋକ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବହୁବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ପଟ୍ଟାମୁଣ୍ଡାଇ ବଜାର ବ୍ୟବସାୟୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।

# ଜାତୀୟ ରାଜପଥରେ ନିଆଁ ଲାଗି ୧୦ ଚକିଆ ଟ୍ରକ୍ ଜଳିଗଲା

ମାର୍ଶାଘାଇ, ୧୯।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ତାରିଣୀ ମନ୍ଦିର ନିକଟରେ ମଙ୍ଗଳବାର ରାତି ସାଢେ ୮ଟାରେ ଏକ ଟ୍ରକ୍‌ରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ଚଣ୍ଡିଖୋଲ ପଟରୁ ପାରାଦୀପ ଆଡ଼କୁ ଆସୁଥିବା ଏକ ଖାଲି ୧୦ ଚକିଆ ଟ୍ରକ୍ ନଂ. ଓଆର ୦୯ ପି ୫୦୧୩ରେ ହଠାତ ତାରିଣୀ ମନ୍ଦିର ନିକଟରେ ନିଆଁ ଲାଗିଯାଇଥିଲା। ପ୍ରାଣ ବିକଳରେ ଚାଳକ ଓ ଖଳସୀ ଗାଡିରୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକ ମାର୍ଶାଘାଇ ଅଗ୍ନିଶମ ବାହିନୀକୁ ଖବର ଦେଲା ପରେ ସେମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚିଲା ବେଳକୁ ଟ୍ରକ୍‌ଟି ପୂରା ପଡିଯାଇଥିଲା। ଗାଡି କ୍ୟାବିନରୁ ଶଟସର୍କିଟ ହୋଇ ନିଆଁ ଲାଗି ଥିବା ସନ୍ଦେହ କରାଯଉଛି।



# ଯୁବତୀଙ୍କ ଆତ୍ମହତ୍ୟା ଘଟଣା ଭିନ୍ନମୋଡ଼ ନେଲା

ଡେରାବିଶ, ୧୯।୩ (ବେବର୍ତ୍ତା ଅଜୟ ଦାସ)

**ପ୍ରେମ ସମ୍ପର୍କକୁ ନେଇ ଆତ୍ମହତ୍ୟା ଅଭିଯୋଗ ଆଣିଲେ ପରିବାର**

ଡେରାବିଶ ଥାନା ଅଧୀନ ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁର-୧ (ଗୁଡୁଗୁଡ଼ି) ଗ୍ରାମର ଜଣେ ଯୁବତୀ ଗତ୧୧ ତାରିଖ ରାତିରେ ଆତ୍ମହତ୍ୟା କରିଥିବା ନେଇ ୧୨ ତାରିଖରେ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଯୁବତୀଙ୍କ ମୃତଦେହ ପୋଲିସ ଜବତ କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଥିଲା। ମାତ୍ର ଯୁବତୀଙ୍କ ଆତ୍ମହତ୍ୟା ପ୍ରେମ ସମ୍ପର୍କରୁ ଘଟିଛି ବୋଲି ଯୁବତୀଙ୍କ ବାପା ଥାନାରେ ସୋମବାର ଏକ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ସବୁଦିନ ଭଳି ଗତ ୧୧ ତାରିଖ ରାତିରେ ଯୁବତୀ ଜଣକ ରାତ୍ରି ଭୋଜନ ପରେ ଶୋଇବାକୁ ଯାଇଥିଲେ। ପରଦିନ ସକାଳୁ ଝିଅର ଉଠିବା ବିଳମ୍ବ ହେବା ଦେଖି ଯୁବତୀଙ୍କ ମା' ଶୋଇବା ଘରର କବାଟ ବାଡ଼େଇ ଥିଲେ ମଧ୍ୟ ସେ ଖୋଲି ନ ଥିଲେ। ପରେ ଯୁବତୀଙ୍କ ମା' ପରିବାର ଲୋକଙ୍କ ସହାୟତାରେ କବାଟ ଭାଙ୍ଗି ଦେଖନ୍ତି ତ ଯୁବତୀ ଜଣକ ତାଙ୍କ ଓନିରେ ଫାଶ କରି ଫ୍ୟାନ୍‌ରେ ଝୁଲୁଛନ୍ତି। କୌଣସି କାରଣ ନ ଥାଇ ଝିଅ କାହିଁକି ଆତ୍ମହତ୍ୟା କରିଛି ବୋଲି ସନ୍ଦେହ ହେବାରୁ ତା'ର ମୋବାଇଲ୍‌କୁ ମା' ଦେଖିଥିଲେ। ପରେ ୧୧ ତାରିଖରେ ଗ୍ରାମର ଜଣେ ଯୁବକଙ୍କ ସହ ଯୁବତୀଙ୍କ ପ୍ରେମ ସମ୍ପର୍କ ଥିଲା ଏବଂ ଯୁବକ ଜଣକ ତାଙ୍କୁ ହ୍ୱାଟସ୍‌ଆପ୍ ଯୋଗେ ଚାଟିଂ କରୁଥିଲେ। ଯୁବକ ଜଣକୁ ପଠାଇଥିବା ଶେଷ ମେସେଜ୍‌ରେ ମୁଁ ମରିବାକୁ ଯାଉଛି, ତୁମେ କ'ଣ କରୁଛ କର ବୋଲି ଲେଖିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ତେବେ ପରିବାର ଲୋକ ଏହି ମୋବାଇଲ୍‌ଟିକୁ ଅଭିଯୋଗ ସହ ତଦନ୍ତ ପାଇଁ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଅପରପକ୍ଷରେ ଏହି ଘଟଣା ଜାଣିବା ପରେ ସମ୍ପୃକ୍ତ ଯୁବକଙ୍କ ବାପା ଓ ବଡ଼ଭାଇ ଯୁବତୀଙ୍କ ପରିବାରକୁ ଏ ବିଷୟରେ ଥାନାରେ ନ ଜଣାଇବା ପାଇଁ ଧମକ ଦେଇଥିଲେ। ଏଥିସହ ଥାନାରେ ଏ ବିଷୟ ଜଣାଇଲେ ତମକୁ ଜୀବନରୁ ମାରି ଦେବୁ ବୋଲି ଯୁବତୀଙ୍କ ପରିବାରକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପାଇବା ପରେ ଥାନାରେ ନଂ.୪୧/୨୪ରେ ମାମଲା ରୁଜୁ ହେବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପ୍ରଦୋଷ କୁମାର ପଟ୍ଟନାୟକ କହିଛନ୍ତି।

# ମୋବାଇଲ ଲୁଟ୍ ଅଭିଯୋଗରେ ୨ ଗିରଫ

ଧର୍ମଶାଳା, ୧୯।୩(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ୧୬ନଂ. ଜାତୀୟ ରାଜପଥର ରଥିଆ ନିକଟରେ ଜଣେ ଟ୍ରକ୍ ଡ୍ରାଇଭରଙ୍କଠାରୁ ମୋବାଇଲ ଫୋନ୍ ଲୁଟ୍ ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଧର୍ମଶାଳା ଥାନା ଚାରବାଟିଆ ଗ୍ରାମର ସତ୍ୟରଞ୍ଜନ ମହାକୁଡ଼ ଓ ବଡ଼ଚଣା ଥାନା ନୁଆ ସୁଙ୍ଗୁଡା ଗ୍ରାମର ରଶ୍ମିରଞ୍ଜନ ମହାଲା।

ଗତ ୧୪ ତାରିଖ ସକାଳେ ରଥିଆ ନିକଟ ରାସ୍ତା କଡ଼ରେ ଜଣେ ଟ୍ରକ ଡ୍ରାଇଭର ଗାଡ଼ି ରଖି ମୋବାଇଲ ଫୋନ୍‌ରେ କଥାହେଉଥିବାବେଳେ ଓଆର-୩୪-ଇ-୯୪୬୮ନଂ. ସ୍କୁଟିରେ ସମ୍ପୃକ୍ତ ୨ ଯୁବକ ଆସି ତାଙ୍କଠାରୁ ମୋବାଇଲ ଫୋନ୍ ଲୁଟି ନେଇ ଫେରାର ହୋଇଯାଇଥିଲେ। ସମ୍ପୃକ୍ତ ଡ୍ରାଇଭର ଜଣେ ବାଇକ୍ ଆରୋହୀଙ୍କ ସହ ଅଭିଯୁକ୍ତଙ୍କୁ ପିଛା କରି ଶଙ୍ଖାରିଢ଼ିହଠାରେ ସ୍ଥାନୀୟ ଯୁବକଙ୍କ ସହାୟତାରେ ସେମାନଙ୍କୁ କାବୁ କରିଥିଲେ। ଏଥିସହିତ ମୋବାଇଲ ଫୋନ୍‌କୁ ଉଦ୍ଧାର କରିଥିଲେ। ପୋଲିସ ପହଞ୍ଚି ସେମାନଙ୍କ ସ୍କୁଟି ଜବତ କରିବା ସହ ଉଭୟଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ପରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.୨୦୦।୨୪ରେ ଏକ ମାମଲା ରୁଜୁ ହୋଇଛି। ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ବଳଭଦ୍ରପୁରରେ ଭାଜପାର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ଭାଜପା ନେତା ସହ ଯୋଗ ଦେଇଥିବା ଅନ୍ୟ ଦଳର କର୍ମୀ।

ପଟ୍ଟାମୁଣ୍ଡାଇ, ୧୯।୩ (କଳ୍ପତରୁ ନାୟକ)

ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ଭାଜପା ନେତୃତ୍ୱଙ୍କ ନିର୍ଦ୍ଦେଶରେ ରାଜନଗର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରେ ମଜଭୁତ କରି ଦଳକୁ ଯଶସ୍ୱୀ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରାଜନଗର ନିର୍ବାଚନମଣ୍ଡଳୀ ୧୮ ନଂ. ଜୋନ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମରେ ଭାଜପା ଯୁବନେତା ଅଜୟ ବେହେରାଙ୍କ ନେତୃତ୍ୱରେ ବିଭିନ୍ନ ଦଳର ନେତା ଓ କର୍ମୀମାନେ ଭାଜପାରେ ସାମିଲ ହୋଇଥିଲେ। ନୂତନ ଭାବେ ଭାଜପାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ ହେଲେ ଶରତ କୁମାର ବେହୁରା, ତ୍ରିଲୋଚନ ମହାନ୍ତି, କୈଳାସ କୁମାର ବିଶ୍ୱାଳ, ସୁଲେଖ ବାରିକ, ମନୋଜ ଦଳେଇ, ବିହାରି ବେହୁରା, ଉମାକାନ୍ତ ନାୟକ, ଗୋଲେଖ ବାରିକ, ରେବତି ପାତ୍ର, ସୁଶାନ୍ତ କୁଣ୍ଡ, କାଶୀନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଫଳରେ ବଳଭଦ୍ରପୁର ପଞ୍ଚାୟତରେ ଭାଜପା ମଜଭୁତ ହୋଇଛି।

# ଅସରାଏ ବର୍ଷାରେ ବିଦ୍ୟାଳୟରେ ଖେଳୁଛି ପାଣି

ଡେରାବିଶ, ୧୯।୩ (ବେବର୍ତ୍ତା ଅଜୟ ଦାସ)

- ଅର୍ଦ୍ଧ ନିର୍ମିତ ଡେରାବିଶ ଆଦର୍ଶ ବିଦ୍ୟାଳୟ
- ପୂର୍ତ୍ତ ବିଭାଗର ବେପରୁଆ ନୀତି

କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗାସ୍ଥିତ ଆଦର୍ଶ ବିଦ୍ୟାଳୟ ପାଇଁ ନବ ନିର୍ମିତ ଗୃହ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡି ରହିଛି। କେନ୍ଦ୍ରାପଡା ପୂର୍ତ୍ତ ବିଭାଗର ବେପରୁଆ ନୀତି ଯୋଗୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ଘୋର ଦୁର୍ଦ୍ଦଶା ମଧ୍ୟରେ ଗତି କରୁଥିବା ଜଣାଯାଇଛି। ଅସରାଏ ବର୍ଷାରେ ବିଦ୍ୟାଳୟ କାର୍ଯ୍ୟାଳୟ ଭିତରେ ପାଣି ପଶି ଲହଡି ଭାଙ୍ଗୁଛି। ପ୍ରଶାସନିକ ଏଭଳି ସ୍ଥାଣୁତା ଓ ବିଭାଗୀୟ ଦାୟିତ୍ୱ ହୀନତା ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

୨୦୨୨ରୁ ଏହି ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ କେନ୍ଦ୍ରାପଡ଼ା ପୂର୍ତ୍ତବିଭାଗ ତତ୍ତ୍ୱାଧାନରେ ୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ହେଉଛି। ଅବଧି ଶେଷ ହେବାର ବର୍ଷାଧିକ ପରେ ମଧ୍ୟ କାର୍ଯ୍ୟ ହୋଇପାରୁନାହିଁ। ଶ୍ରେଣୀ ଗୃହ ପାଇଁ ୪ଟି ଓ କାର୍ଯ୍ୟାଳୟ ସହ କମନ୍‌ରୁମ୍ ପାଇଁ ଗୋଟିଏ ଗୃହକୁ ମିଶାଇ ସମୁଦାୟ ୯ଟି ରୁମ୍ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ମାତ୍ର ଏହି ନବ ନିର୍ମିତ ଗୃହର ସିଡି ଘର କାର୍ଯ୍ୟ ଠିକା ସଂସ୍ଥା ପକ୍ଷରୁ କରା ନ ଯାଇ ଖୋଲା ଛାଡି ଦିଆଯାଇଛି। ସୋମବାର ରାତିରୁ ବର୍ଷା ଲାଗି ରହିଥିବାରୁ ଖୋଲା ରହିଥିବା ଶିଡି ଘର ବାଟ ଦେଇ ବର୍ଷା ପାଣି ଆସି ବିଦ୍ୟାଳୟ କାର୍ଯ୍ୟାଳୟ କୋଠରୀରେ ପଶିଥିବା ଦେଖାଯାଇଛି। ଏହି ବର୍ଷା ପାଣିକୁ ଅଟକାଇବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବାଲି ବନ୍ଧ ପକାଇ ତା ଉପରେ ଇଟା ଥୋଇ ଥିବା ଦେଖିବାକୁ ମିଳିଛି। ଆଗାମୀ ୨ଦିନ ଯାଏ ବର୍ଷା ଲାଗି ରହିବ ବୋଲି ପାଣି ପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି ହୋଇଛି। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ସେହିପରି ଏହି ବର୍ଷା ଯୋଗୁ ଅଧାପାନ୍ତରିଆ ଅବସ୍ଥାରେ ଥିବା ବିଦ୍ୟାଳୟ ପରିସର ଏବେ କର୍ଦ୍ଦମାକ୍ତ ହୋଇ ଉଠିଛି। ଫଳରେ ବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀମାନେ କାଦୁଅରେ ଘାଣ୍ଟି ହୋଇ ଅସୁବିଧାର ସମ୍ମୁଖିନ ହେବାରେ ଲାଗିଛନ୍ତି। ଅବ୍ୟବସ୍ଥା ମଧ୍ୟରେ ଚାଲୁଥିବା ଏହି ବିଦ୍ୟାଳୟରେ ଆମ ପିଲାମାନଙ୍କ ଭବିଷ୍ୟତ ଅନ୍ଧାର ହେବାକୁ ଲାଗିଛି ବୋଲି ଛାତ୍ର ଅଭିଭାବକ ଯଶୋବନ୍ତ ପ୍ରଧାନ କହିଛନ୍ତି। ବାରମ୍ବାର ଏହି ବିଦ୍ୟାଳୟର ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବା ଅଭିଭାବକମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ପତିଙ୍କୁ ପଚାରିବାରେ ସିଡି ଘରର ଛାତ ତୁରନ୍ତ ପକାଇବା ପାଇଁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ କୌଣସି କୋଠରୀ ମଧ୍ୟକୁ ବର୍ଷା ପାଣି ଯେମିତି ନ ପଶେ ସେଥିପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



ଶିଡି ଘର ଛାତ ପଡି ନ ଥିବାରୁ ବର୍ଷା ପାଣି ଘରେ ପଶୁଛି।

# ନିଷିଦ୍ଧାଞ୍ଚଳରେ ମତ୍ସ୍ୟଜୀବୀଙ୍କ ଅବାଧ ପ୍ରବେଶ

- ଗହୀରମଥାରେ ଅଲିଭ ରିଡ୍‌ଲେ ସୁରକ୍ଷା କଟକଣା
- ୨ ସାମୁଦ୍ରିକ ପାଟ୍ରୋଲିଂ ବୋଟ୍‌କୁ ଘେରିଥିଲେ
- ସାଢ଼େ ୪ମାସରେ ୩୬ ବୋଟ୍ ଜବତ, ୩୫୯ ଗିରଫ



ଗହୀରମଥାର ନିଷିଦ୍ଧାଞ୍ଚଳରେ ମାଛଧରା ଟ୍ରଲର ।

କେନ୍ଦ୍ରାପଡ଼ା, ୧୯।୩(ଜଗନ୍ନାଥ ଧଳ)

ବିଶ୍ୱପ୍ରସିଦ୍ଧ ଗହୀରମଥା ଅନ୍ତୁଡ଼ିଶାଳରେ ସାମୁଦ୍ରିକ କଇଁଛ ଅଲିଭ ରିଡ୍‌ଲେ ସୁରକ୍ଷିତ ନାହାନ୍ତି। ସୁରକ୍ଷା ପାଇଁ ନିକଟରେ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ପର୍ଯ୍ୟଟକଙ୍କ ଅନୁମତିକୁ ବାରଣ ହୋଇଛି। ୨୦୨୩ ନଭେମ୍ବର ପହିଲାରୁ ସାମୁଦ୍ରିକ ଅଞ୍ଚଳକୁ ମତ୍ସ୍ୟଜୀବୀଙ୍କୁ ନିଷିଦ୍ଧ କରାଯାଇଛି। ଏହାସତ୍ତ୍ୱେ ନିଷିଦ୍ଧାଞ୍ଚଳକୁ ବୋଟ୍, ଟ୍ରଲର ଅବାଧରେ ପଶି ଆସୁଛନ୍ତି। ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଲେ ବେଆଇନ ଭାବେ ମତ୍ସ୍ୟଜୀବୀମାନେ ପାଟ୍ରୋଲିଂ ଟିମ୍‌କୁ ସମୁଦ୍ର ମଧ୍ୟରେ ଘେରିଯାଉଛନ୍ତି। ସୋମବାର ଏପରି ଘଟଣା ୨ଟି ସ୍ଥାନରେ ଦେଖିବାକୁ ମିଳିଛି। ମାଦଳି ଅଞ୍ଚଳରେ ଗୋଟିଏ ପାଟ୍ରୋଲିଂ ଟିମ୍‌କୁ ମତ୍ସ୍ୟଜୀବୀ ବୋଟ୍, ଟ୍ରଲର ମାଧ୍ୟମରେ ଘେରିଯାଇଥିବା ବେଳେ ବାବୁବାଲି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା କନିକା-୩ ବୋଟ୍‌କୁ ମତ୍ସ୍ୟଜୀବୀ ଘେରିଥିଲେ। ତେବେ କନିକା-୩ର ଟିମ୍ ୨ ରାଉଣ୍ଡ ବ୍ଲାଙ୍କ ଫାୟାରିଂ କରିବାରୁ ଅବାଧ ପ୍ରବେଶ ହୋଇପାରିନାହିଁ। ଏ ସମ୍ପର୍କରେ ଧାମରା ଥାନାରେ ଏକ ଅଭିଯୋଗ ବନ ବିଭାଗ ପକ୍ଷରୁ ହୋଇଛି। ଅପରପକ୍ଷରେ ନିଷିଦ୍ଧ କଟକଣାର ସାଢ଼େ ୪ ମାସରେ ମୋଟ୍ ୩୬ ବୋଟ୍, ଟ୍ରଲର ଜବତ ହୋଇଛି। ୩୫୯ ମତ୍ସ୍ୟଜୀବୀ ଗିରଫ ହୋଇଛନ୍ତି। ଗିରଫ ମତ୍ସ୍ୟଜୀବୀଙ୍କୁ ତୁରନ୍ତ ଜାମିନ ମିଳିଯାଉଥିବାରୁ କଟକଣାର ସୁଫଳ ମିଳୁନାହିଁ। ଗହୀରମଥା ସାମୁଦ୍ରିକ ଅଞ୍ଚଳ ଏକପ୍ରକାର ଅସୁରକ୍ଷିତ ହୋଇପଡ଼ିଛି ବୋଲି ସ୍ଥାନୀୟ ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ପ୍ରକୃତିପ୍ରେମୀ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, ୨୦୨୩ ନଭେମ୍ବରରୁ ୨୦୨୪ ମେ' ପର୍ଯ୍ୟନ୍ତ ଗହୀରମଥାର ସାମୁଦ୍ରିକ ଅଞ୍ଚଳରେ ବିରଳ ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ ପାଇଁ କଟକଣା ହୋଇଛି। ଏହି ସମୟରେ ବନ ବିଭାଗ, ସାମୁଦ୍ରିକ ଥାନା ଓ ତଟରକ୍ଷୀ ବାହିନୀ ପକ୍ଷରୁ ସମୁଦ୍ର ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା କଥା। ତେବେ ଏହି ୩ ସୁରକ୍ଷା ବାହିନୀଙ୍କ ମଧ୍ୟରେ ସମନ୍ୱୟ ଆଦୌ ନାହିଁ। ଅବାଧ ଭାବେ ବୋଟ୍, ଟ୍ରଲର ଚଳାଚଳ ଫଳରେ ଜାଲରେ ପଡ଼ି କଇଁଛଙ୍କ ମୃତ୍ୟୁ ହେଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବୋଟ୍, ଟ୍ରଲରରେ ଟିଇଡି (ଟର୍ଟଲ ଏକ୍ସକ୍ଲୁଡର ଡିଭାଇସ) ବ୍ୟବହାର ହେଉନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ସାମୁଦ୍ରିକ ଜୀବ ସୁରକ୍ଷା ସମିତିର ସଭାପତି ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି, କଇଁଛଙ୍କ ଅଣ୍ଡାଦେବା ସ୍ଥାନ ଏବେ ସଙ୍କଟରେ। ବାବୁବାଲି, ମାଦଳି, ଏକକୁଳା ଆଦିରେ ତଟକ୍ଷୟ ଜାରି ରହିଛି। ସମ୍ପ୍ରତି କଇଁଛଗୁଡ଼ିକ ଅଣ୍ଡାଦେବା ପାଇଁ ତଟାଞ୍ଚଳରେ ଠୁଳ ହେଲେଣି। ଆସନ୍ତା ସପ୍ତାହ ମଧ୍ୟରେ ସାମୂହିକ ଅଣ୍ଡାଦେବା ସମ୍ଭାବନା ରହିଛି। ଏହି ସମୟରେ ମତ୍ସ୍ୟଜୀବୀ ନିଷିଦ୍ଧାଞ୍ଚଳରେ ପ୍ରବେଶ କରିବା ଏହି ବିରଳ ଜୀବ ପ୍ରତି ବିପଦ ହୋଇଛି। ଏ ସମ୍ପର୍କରେ ଗହୀରମଥା ରେଞ୍ଜ୍ ଅଫିସର ପ୍ରଦୋଷ ମହାରଣାଙ୍କୁ ପଚାରିବାରେ କଇଁଛଙ୍କ ସୁରକ୍ଷା ପାଇଁ ସମୁଦ୍ର ମଧ୍ୟରେ ୩ଟି ପାଟ୍ରୋଲିଂ ବୋଟ୍ ନିୟୋଜିତ ହୋଇଛି। ୧୪୩୫ ବର୍ଗ କିଲୋମିଟର ମଧ୍ୟରେ ଏହି ବୋଟ୍ ଘୁରୁଥିବା ବେଳେ କେତେକ ସ୍ଥାନରେ ମତ୍ସ୍ୟଜୀବୀ ପଶି ଆସୁଛନ୍ତି। ପାଟ୍ରୋଲିଂ ଟିମ୍ ନଜରକୁ ଆସିଲେ ସେହି ମତ୍ସ୍ୟଜୀବୀ ନିଷିଦ୍ଧାଞ୍ଚଳର ବାହାରକୁ ଯାଇ ଭିଏଚ୍‌ଏଫ୍ ମାଧ୍ୟମରେ ଅନ୍ୟ ସାଥୀ ମତ୍ସ୍ୟଜୀବୀଙ୍କୁ ଏକାଠି କରୁଛନ୍ତି। ପାଟ୍ରୋଲିଂ ଟିମ୍ ଓ ଅବାଧ ପ୍ରବେଶକାରୀଙ୍କ ମଧ୍ୟରେ ପ୍ରତ୍ୟହ ଏପରି ଘଟଣା ଦେଖିବାକୁ ମିଳୁଛି। ତଟରକ୍ଷୀ ବାହିନୀ ଓ ସାମୁଦ୍ରିକ ଥାନାରୁ ସହଯୋଗ ମିଳୁନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ତାଳଚୁଆ ସାମୁଦ୍ରିକ ଥାନା ଅଧିକାରିଣୀ ସସ୍ମିତା ସାହୁଙ୍କୁ ପଚାରିବାରେ ସାମୁଦ୍ରିକ ଅଞ୍ଚଳରେ ଅବାଧ ପ୍ରବେଶ ରୋକିବା ପାଇଁ ବୋଟ୍, ଡ୍ରାଇଭର ଅଛନ୍ତି। ତେବେ ବୋଟ୍ ଚଳାଇବା ପାଇଁ ଆବଶ୍ୟକ ଇନ୍ଧନ ମିଳୁନାହିଁ ବୋଲି ସେ କହିଛନ୍ତି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବୀଣାପାଣି



@ ଗଣେଶ୍ୱର



@ ପଦ୍ମନାଭ



@ ଶ୍ରୀଧର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜାତୀୟ ସିନିୟର କବାଡ଼ି ଖେଳ ଅଫିସିଆଲ ପ୍ରଦୀପ

ରସୁଲପୁର, ୧୯।୩(ରଞ୍ଜିତ ରାଉତ):



ଯାଜପୁର ଜିଲାର କ୍ରୀଡ଼ାବିତ୍ ତଥା ଓଡ଼ିଶା ପୋଲିସରେ କାର୍ଯ୍ୟରତ ଏଏସ୍‌ଆଇ ପ୍ରଦୀପ ସାହୁଙ୍କୁ ଜାତୀୟସ୍ତରର ଖେଳ ପ୍ରତିଯୋଗିତାରେ ପୁଣି ଏକ ସଫଳତା ମିଳିଛି। ସେ ମହାରାଷ୍ଟ୍ରର ଅହମଦନଗର ଜିଲାର ୱାଡିଆ ପାର୍କସ୍ଥିତ ସ୍ପୋର୍ଟ୍ସ କମ୍ପଲେକ୍ସଠାରେ ଆୟୋଜିତ ୭୦ତମ ଜାତୀୟ ସିନିଅର କବାଡି ପ୍ରତିଯୋଗିତାରେ ଅଫିସିଆଲ ଭାବେ ନିଯୁକ୍ତି ପାଇଛନ୍ତି। ଚଳିତ ମାସ ୧୯ ତାରିଖରୁ ୨୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାରେ ଯାଜପୁର ଜିଲାରୁ ଏକମାତ୍ର କ୍ରୀଡ଼ାବିତ୍ ଭାବରେ ପ୍ରଦୀପଙ୍କୁ ଏହି ସଫଳତା ମିଳିଛି। ଏହି ସଫଳତା ପାଇଁ ପ୍ରଦୀପଙ୍କୁ ଜିଲା କବାଡ଼ି ଆସୋସିଏଶନ, ଜିଲା କ୍ରୀଡ଼ା ସଂସଦ, ଓଡ଼ିଶା ପୋଲିସ, ଖେଳସାଥୀ, ଖେଳାଳି ଓ ଅଫିସିଆଲ ସାଥୀମାନଙ୍କ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ପ୍ରଦୀପ ଫେବୃଆରୀ ୨୦୨୪ରେ ବିଶ୍ୱବିଦ୍ୟାଳୟସ୍ତରର କବାଡି ଖେଳ ପ୍ରତିଯୋଗିତା 'ଖେଲୋ ଇଣ୍ଡିଆ'ରେ ଅଫସିଆଲ ଭାବରେ ଯୋଗଦେଇ ସଫଳତା ଅର୍ଜନ କରିଥିଲେ। ଖେଳ ପରିଚାଳନାର କଳାନୈପୁଣ୍ୟତା ପାଇଁ ତାଙ୍କୁ ଜାତୀୟ ଖେଳ ପ୍ରତିଯୋଗିତା ପରିଚାଳନା କରିବାକୁ ସୁଯୋଗ ମିଳିଛି। ଯାଜପୁର ଏସ୍‌ପି ବିନୀତ ଅଗ୍ରୱାଲଙ୍କ ସହଯୋଗ ଯୋଗୁ ଖେଳ ପରିଚାଳନା କରିବାର ସୁଯୋଗ ସୃଷ୍ଟି ହେଉଛି ବୋଲି ପ୍ରଦୀପ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଉପସ୍ଥିତ ବୁଦ୍ଧି ଯୋଗୁ ବନ କର୍ମଚାରୀଙ୍କ ଜୀବନ ବଞ୍ଚିଲା

ରାଜନଗର, ୧୯।୩(ଭାସ୍କର ରାଉତରାୟ)

**ଅଥଳ ସମୁଦ୍ରରେ ବନ କର୍ମଚାରୀ-ମତ୍ସ୍ୟଜୀବୀ ମୁହାଁମୁହିଁ**

ଗହୀରମଥା ନିଷିଦ୍ଧାଞ୍ଚଳରେ ଅଲିଭରିଡଲେ କଇଁଛମାନଙ୍କ ସୁରକ୍ଷା ପାଇଁ ରାଜନଗର ବନ ବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ କରାଯାଉଛି। ବନ ବିଭାଗ ଅଧୀନରେ ଥିବା ଗହୀରମଥା ସାମୁଦ୍ରିକ ରେଞ୍ଜ କାର୍ଯ୍ୟାଳୟରେ କାର୍ଯ୍ୟରତ ବନପାଳ ମଦନ ହାଁସଦା ଓ ବନ କର୍ମଚାରୀମାନଙ୍କୁ ନେଇ ଅଥଳ ସମୁଦ୍ରରେ ସୋମବାର ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସେଠାରେ ଟ୍ରଲରରେ ବେଆଇନ ଭାବେ ମାଛ ମାରୁଥିବା ମତ୍ସ୍ୟଜୀବୀମାନେ ହଠାତ୍ ଚାରିପଟୁ ଘେରି ବନ ବିଭାଗ ବୋଟ ଉପରେ ଆକ୍ରମଣ କରିଥିଲେ। ବନପାଳ ହାଁସଦାଙ୍କର ଉପସ୍ଥିତ ବୁଦ୍ଧି ବଳରେ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ବନପାଳ ରାଜନଗର ଡିଏଫ୍‌ଓଙ୍କ ସମେତ ବରିଷ୍ଠ କର୍ମଚାରୀଙ୍କ ସହ ଯୋଗାଯୋଗ କରିବାରୁ ଗହୀରମଥାରୁ ବନ ଅଧିକାରୀ ଅସ୍ତ୍ରଶସ୍ତ୍ର ସହ ସେଠାରେ ପହଞ୍ଚି ଜୀବନ ସହ ଲଢୁଥିବା ବନ କର୍ମଚାରୀଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଏ ସମ୍ପର୍କରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ କହିବା କଥା ହେଲା ଅଲିଭ୍‌ରିଡଲେ କଇଁଛ ଆମର ଅତିଥି ସଦୃଶ୍ୟ। ସେମାନଙ୍କୁ ଆମ ହିନ୍ଦୁ ସଂସ୍କୃତିରେ ଈଶ୍ୱରଙ୍କ ଦ୍ୱିତୀୟ ଅବତାର ବୋଲି କୁହାଯାଇଥାଏ। ସେମାନଙ୍କ ସୁରକ୍ଷା କରିବା ଆମର ମୌଳିକ କର୍ତ୍ତବ୍ୟ। ବେଳେବେଳେ ନିଷିଦ୍ଧାଞ୍ଚଳରେ ବେଆଇନ ଟ୍ରଲର ଚଳାଇ ମତ୍ସ୍ୟଜୀବୀମାନେ ମାଛ ଧରୁଥିବା ବେଳେ ଆମ ବନକର୍ମଚାରୀମାନେ ସେମାନଙ୍କୁ କାବୁ କରି ୧୯୭୨ ବନ୍ୟପ୍ରାଣୀ ଆଇନ ଅନୁସାରେ ଗିରଫ କରି କୋର୍ଟ ଚାଲାଣ କରିଥାନ୍ତି। ଚଳିତବର୍ଷ ସର୍ବାଧିକ ଟ୍ରଲର ଓ ମତ୍ସ୍ୟଜୀବୀଙ୍କୁ ଗିରଫ କରାଗଲାଣି। ତଥାପି ମତ୍ସ୍ୟଜୀବୀମାନେ ଆଇନକୁ ବେଖାତିର କରି ସେମାନଙ୍କ ଆତଙ୍କ ଭିଆଉଛନ୍ତି ବୋଲି ସେ କହିଛନ୍ତି। ସବୁଠୁ ସମ୍ବେଦନଶୀଳ ଘଟଣା ହେଲା ୨୦୦୨ସମିହାରେ ଅପରୂପ ଭାବରେ ଅପରାହ୍ନ ସମୟରେ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ଘଟିଥିବା ବିବରଣୀ ସମ୍ବନ୍ଧରେ କୁହାଯାଇପାରେ ଯେ, ସେତେବେଳର ଡିଏଫ୍‌ଓ ଅନୁପ କୁମାର ନାୟକଙ୍କ ନିର୍ଦ୍ଦେଶରେ ଗହୀରମଥା ରେଞ୍ଜ ଅଫିସର ସୌଭାଗ୍ୟ କୁମାର ସାହୁ ରାଜନଗର ରେଞ୍ଜ ଅଫିସର ଶୁଭେନ୍ଦୁ କୁମାର ବେହେରା ପ୍ରମୁଖ ସଦଳବଳ ଗହୀରମଥା ବାବୁବାଲି ଦ୍ୱୀପ ନିକଟରେ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ମତ୍ସ୍ୟଜୀବୀଙ୍କ ୮ଟି ଟ୍ରଲର ଜବତ କରି ବାବୁବାଲି ଦ୍ୱୀପଠାରେ ରଖିଥିଲେ। ସେହି ସମୟରେ ଆଉ ୪ଟି ଟ୍ରଲର ମାଛ ମାରୁଥିବା ଖବରପାଇ ବାବୁବାଲି ଦ୍ୱୀପରେ ନିରସ୍ତ୍ର ବନରକ୍ଷୀ ଶ୍ୟାମ ସିଂଙ୍କୁ ଛାଡି ପାଟ୍ରୋଲିଂରେ ବାହାରି ଯିବାରୁ ଏହାର ସୁଯୋଗ ନେଇ ମତ୍ସ୍ୟଜୀବୀମାନେ ଅତି ନିର୍ମମ ଭାବେ ଅସହାୟ, ନିରସ୍ତ୍ର ବନରକ୍ଷୀ ଶ୍ୟାମଙ୍କୁ ହତ୍ୟା କରି ଗଭୀର ସମୁଦ୍ରରେ ଫିଙ୍ଗି ଦେଇଥିଲେ। ଅପରପକ୍ଷରେ ସବୁବର୍ଷ ଭଳି କଇଁଛମାନଙ୍କ ସୁରକ୍ଷା ପାଇଁ ଭୁବନେଶ୍ୱରରେ ଉଚ୍ଚସ୍ତରୀୟ ବୈଠକ ବସେ। ସେଥିରେ କଇଁଛଙ୍କ ସୁରକ୍ଷା ବିଷୟରେ ମାନସ ମନ୍ଥନ ହୁଏ, ହେଲେ ସୁରକ୍ଷା ଦାୟିତ୍ୱ ଯାହାଙ୍କ ହାତରେ ନ୍ୟସ୍ତ କରାଯାଇଥାଏ, ସେମାନଙ୍କ ମଧ୍ୟରେ ତଟରକ୍ଷୀ ବାହିନୀ, ମତ୍ସ୍ୟ ବିଭାଗ, ପୋଲିସ ବିଭାଗ ସାମିଲ ହୋଇ ବି ମତ୍ସ୍ୟଜୀବୀମାନଙ୍କୁ ମୁକାବିଲାରେ ବିଫଳ ହେବା ଘଟଣା ଏମାନଙ୍କ ଦାୟିତ୍ୱ ପ୍ରତି ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବଜ୍ରକାପ୍ତା ଉଦ୍ଧାର, ୨ ଯୁବକ ଗିରଫ

କଳିଙ୍ଗନଗର, ୧୯।୩(ଶୁଭାଶିଷ ରାଉତ):



ସୁକିନ୍ଦା ବନଖଣ୍ଡ ଅନ୍ତର୍ଗତ ଗୋବରଘାଟି ରାସ୍ତାରୁ ବନ ବିଭାଗ କର୍ମଚାରୀ ଏକ ବଜ୍ରକାପ୍ତା ଉଦ୍ଧାର କରିବା ସହ ୨ ଯୁବକଙ୍କୁ ଗିରଫ କରିଛନ୍ତି। ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଗୋବରଘାଟି କଲୋନୀ ବାସିନ୍ଦା ଚୈତନ୍ୟ ବିଦ୍ଧାଣି ଓ ସନାତନ ବିଦ୍ଧାଣି। ସମ୍ପୃକ୍ତ ୨ ଯୁବକ ଏକ ବଜ୍ରକାପ୍ତାକୁ ମିରିଗିଚରା ପାଖ ଜଙ୍ଗଲରୁ ନେଇ ଯାଉଥିବା କୌଣସି ସୂତ୍ରରୁ ସୁକିନ୍ଦା ରେଞ୍ଜର ବିପିନ ବିହାରୀ ରାଉତରାୟ ଖବର ପାଇଥିଲେ। ତେଣୁ ସେ ତୁରନ୍ତ ଘଟଣାସ୍ଥଳକୁ ଯିବା ପରେ ଦୁଇ ଯୁବକ ବନ କର୍ମଚାରୀଙ୍କୁ ଦେଖି ବଜ୍ରକାପ୍ତାକୁ ଗୋବରଘାଟି ମୁଖ୍ୟ ରାସ୍ତାରେ ଛାଡ଼ି ଖସି ପଳାଇଥିଲେ। ରେଞ୍ଜର ରାଉତରାୟ ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ପରେ ଦୁଇ ଯୁବକଙ୍କୁ ସୁକିନ୍ଦା ବନ ବିଭାଗ ପକ୍ଷରୁ ଗୋବରଘାଟି କଲୋନୀରୁ ଗିରଫ କରାଯାଇଥିଲା।

# ବାଇକ୍ ଫାଇନାନ୍ସ ନାଁରେ ଶୋଷଣ

କୋରେଇ, ୧୯।୩(ଚନ୍ଦ୍ରକାନ୍ତ ପତି):

- ଘରୋଇ ଫାଇନାନ୍ସ କମ୍ପାନୀ-ଶୋ'ରୁମ ମାଲିକଙ୍କ ଅସାଧୁ ମେଣ୍ଟ
- ଶୋଷଣର ଶିକାର ହେଉଛନ୍ତି ଗ୍ରାହକ
- ଅନଭିଜ୍ଞ, ନିରକ୍ଷରଙ୍କୁ ମନଇଚ୍ଛା ଲୁଟୁଛନ୍ତି




ଯାଜପୁର ରୋଡ୍ ଅଞ୍ଚଳର କେତେକ ନିର୍ଦ୍ଦିଷ୍ଟ ବାଇକ ଶୋ'ରୁମରେ ଗାଡ଼ି ଫାଇନାନ୍ସ କରିବାକୁ ବସିଥିବା ଫାଇନାନ୍ସ କର୍ମଚାରୀଙ୍କ ମନମାନି ବଢ଼ିବାରେ ଲାଗିଛି। ଖାଲି ଯାଜପୁର ରୋଡ୍ ନୁହେଁ, ଯାଜପୁର ଜିଲାର ଅନେକ ବାଇକ ଶୋ'ରୁମରେ ଗାଡ଼ି ଫାଇନାନ୍ସ ନାମରେ ଗ୍ରାହକଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ଯାଜପୁର ରୋଡ୍ ଅଞ୍ଚଳର କିଛି ବାଇକ ଶୋ'ରୁମରେ ଏହି କର୍ମଚାରୀଙ୍କ ଶୋଷଣ ଚରମ ସୀମାରେ ପହଞ୍ଚିଛି। ହେଲେ ଶୋ'ରୁମ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଇ ଓଲଟା ଉକ୍ତ କର୍ମଚାରୀଙ୍କଠାରୁ ଚାନ୍ଦା ଅସୁଲିରେ ମାତିଥିବା ଅଭିଯୋଗ ହୋଇଛି।

୪ ମାସ ତଳେ ପଛିକୋଟ ପଞ୍ଚାୟତ କଡ଼ମା ଅଞ୍ଚଳର ଜଣେ ଯୁବକ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ସ୍କୁଟି ଫାଇନାନ୍ସରେ କିଣିଥିଲେ। ସେ ଡାଉନପେମେଣ୍ଟ (ଡିପି) ବାବଦରେ ୧୯ ହଜାର ଟଙ୍କା ପୈଠ କରିଥିଲେ। ସ୍କୁଟିର ଅବଶିଷ୍ଟ ଅର୍ଥରାଶି ଏକ ଘରୋଇ ଫାଇନାନ୍ସ କମ୍ପାନୀରେ ଲୋନ କରିଥିଲେ। ହେଲେ ବାସ୍ତବରେ ଫାଇନାନ୍ସ କର୍ମଚାରୀ ଜଣକ ୧୯ ହଜାର ଟଙ୍କା ଡିପି କମ୍ପାନୀକୁ ପୈଠ ନ କରି ୧୨,୫୦୦ କରି ବାକି ଟଙ୍କା ନିଜେ ଚଳୁ କରିଥିବା ଗ୍ରାହକ ଜଣକ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଡାଉନପେମେଣ୍ଟ ବିଲ ମାଗିବାରୁ ଉକ୍ତ ଗ୍ରାହକଙ୍କୁ ସମ୍ପୃକ୍ତ ଫାଇନାନ୍ସ କର୍ମଚାରୀ ୬,୫୦୦ ଟଙ୍କା ଫେରସ୍ତ କରିଥିଲେ।

ନିରକ୍ଷର ଓ ଅନଭିଜ୍ଞ ଲୋକ ଯେତେବେଳେ ବାଇକ କିଣିବାକୁ ଏହି ଫାଇନାନ୍ସ କର୍ମଚାରୀଙ୍କ ନିକଟକୁ ଯାଉଛନ୍ତି ସେମାନେ ଉକ୍ତ ଫାଇନାନ୍ସ କର୍ମଚାରୀଙ୍କ ଦ୍ୱାରା ଠକେଇର ଶିକାର ହେଉଛନ୍ତି। ଘରୋଇ ଫାଇନାନ୍ସ କମ୍ପାନୀଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ସ୍ୱୀକୃତିପ୍ରାପ୍ତ ନନ ବ୍ୟାଙ୍କିଙ୍ଗ ଫାଇନାନ୍ସ କମ୍ପାନୀ(ଏନବିଏଫସି) ଦ୍ୱାରା ରେଜିଷ୍ଟ୍ରେଡ ହୋଇଥିଲେ ମଧ୍ୟ ଅଧିକାଂଶ କର୍ମଚାରୀ ଓ ଏକାଧିକ ଫାଇନାନ୍ସ କମ୍ପାନୀ ଆରବିଆଇର ଗାଇଡ୍‌ଲାଇନ ଅନୁପାଳନ କରୁନାହାନ୍ତି। ଗାଡ଼ି ଫାଇନାନ୍ସ ନାଁରେ ଲୋକଙ୍କଠାରୁ ଚକ୍ରବର୍ତ୍ତୀ ଶୁଦ୍ଧ ଆଦାୟ କରୁଥିବା ଅଭିଯୋଗ ହେଉଛି। ଅର୍ଥ ବିଭାଗର କୌଣସି ଧରପଗଡ଼ ନ ଥିବାରୁ ଉକ୍ତ ଫାଇନାନ୍ସ କର୍ମଚାରୀଙ୍କ ମନମାନି ବଢ଼ି ଚାଲିଛି। ଦିନମଜୁରିଆମାନେ ମାସିକ କିସ୍ତି ସୁଝିବାକୁ ଅକ୍ଷମ ହେଉଛନ୍ତି। କିସ୍ତି ଖିଲାପ କଲେ ପୁଣି ସେହି ଫାଇନାନ୍ସ କର୍ମଚାରୀ ରାସ୍ତାଘାଟରେ ଗାଡ଼ି ଛଡ଼ାଇ ନେଇ ଅନ୍ୟତ୍ର ବିକ୍ରି କରୁଛନ୍ତି। ଯାଜପୁର ରୋଡ୍ ଅଞ୍ଚଳର ଏକାଧିକ ବାଇକ ଶୋ'ରୁମରେ ଗାଡ଼ି କିଣିବାକୁ ଆସୁଥିବା ଗ୍ରାହକଙ୍କଠାରୁ ଶୋ'ରୁମ ଚାର୍ଜ ଓ ବିଭିନ୍ନ ଖର୍ଚ୍ଚ ଦେଖାଇ ଅଲଗା ୧ରୁ ୨ ହଜାର ଟଙ୍କା ଅସୁଲ କରାଯାଉଛି। ଯାହାର ଜିଏସ୍‌ଟି ବିଲ ମଧ୍ୟ ଶୋ'ରୁମ କର୍ତ୍ତୃପକ୍ଷ ଦେଉ ନ ଥିବା ଆଲୋଚନା ହେଉଛି। ଓଡ଼ିଶା ସରକାରଙ୍କ ଅର୍ଥନୈତିକ ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ଉକ୍ତ ଫାଇନାନ୍ସ ସଂସ୍ଥାଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।



ପାରାଦୀପ ଅଠରବାଙ୍କି ରାସ୍ତାରେ ଯାଉଥିବା ଏକ ଭାରୀଯାନରୁ ନିର୍ଗତ ହେଉଛି ତୈଳାକ୍ତ ଧୂଆଁ ।



ମହାନଦୀ ମୁହାଣ ସଙ୍ଗମସ୍ଥଳ ମନ୍ଦନ ଉଦ୍ୟାନ ପାଖରେ ବାଲି ଆସ୍ତରଣ ଉପରେ କଳା ହୋଇଛି ।



ପାରାଦୀପ ବତିଘର ପାଖରେ ଥିବା ଓଡ଼ିଶାର ଏକମାତ୍ର କୋଷ୍ଟାଲ ସେନ୍ସର ରାଡ଼ାର ।

# ଡାକ୍ତରଙ୍କ ପ୍ରେସ୍କ୍ରିପଶନ ନ ଥାଇ ଅଲଟ୍ରାସାଉଣ୍ଡ

- ରିପୋର୍ଟରେ ଡାକ୍ତରଙ୍କ ନାମ ଦର୍ଶାଯାଇଛି
- ପିସି ପିଏନ୍‌ଡିଟି ଆଇନକୁ ଉଲ୍ଲଂଘନ ପରେ ନାହିଁ କାର୍ଯ୍ୟାନୁଷ୍ଠାନ
- ଘରୋଇ ହସ୍ପିଟାଲ ବିରୋଧରେ ଆସିଲା ସଙ୍ଗିନ ଅଭିଯୋଗ

ନୟାଗଡ଼,୧୯।୩(ଲୋକନାଥ ମିଶ୍ର)

ଡାକ୍ତରଙ୍କ ପ୍ରେସ୍କ୍ରିପଶନ ନ ଥାଇ ଜଣେ ଗର୍ଭବତୀଙ୍କ ଅଲଟ୍ରାସାଉଣ୍ଡ କରାଯାଉଥିବା ଅଭିଯୋଗ ହୋଇଛି। ଅଲଟ୍ରାସାଉଣ୍ଡ ରିପୋର୍ଟରେ ଡାକ୍ତରଙ୍କ ନାଁ ଉଲ୍ଲେଖ କରି ନିୟମ ମୁତାବକ ସବୁ କିଛି ଠିକ୍ ଚାଲିଛି ବୋଲି ଦର୍ଶାଯାଉଛି। ଏଭଳି ଅଭିଯୋଗ ନୟାଗଡ଼ର ଏକ ଘରୋଇ ହସ୍ପିଟାଲ ବିରୋଧରେ ଆସିଛି। ସେହି ହସ୍ପିଟାଲ ପିସି ପିଏନ୍‌ଡିଟି ଆଇନକୁ ଉଲ୍ଲଂଘନ କରି ଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡ ନିକଟସ୍ଥ ମଦନପୁର ଗାଁର ଜ୍ୟୋର୍ତିମୟୀ ପରିଡ଼ା ଏଭଳି ଅଭିଯୋଗ ଆଣି ନ୍ୟାୟ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ ଅବଗତ କରାଇଛନ୍ତି।

ସୂଚନା ଅନୁଯାୟୀ, ଜ୍ୟୋର୍ତିମୟୀ ନୟାଗଡ଼ର ଏକ ଘରୋଇ ହସ୍ପିଟାଲରେ ଗର୍ଭ ନିରୋଧକ ଅସ୍ତ୍ରୋପଚାର(ବିଟିଏଲ) କରିଥିଲେ। ହେଲେ କୌଣସି କାରଣରୁ ସେ ପୁଣି ଥରେ ଗର୍ଭବତୀ ହୋଇଛନ୍ତି। ସେ ୨ ଥର ଗର୍ଭବତୀ ହୋଇଥିଲେ। ଉଭୟ ଥର ପ୍ରସବ ସମୟରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଏହାପରେ ସେ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରିଥିଲେ। ହେଲେ ଏହାପରେ ବି ତାଙ୍କର ଗର୍ଭ ସଂଚାର ହେବା ପରେ ଜ୍ୟୋତିମୟୀଙ୍କ ଶାଶୁ ଘର ଲୋକେ ଭୟଭୀତ ହୋଇ ପଡିଥିଲେ। ଏହାପରେ ସେହି ଘରୋଇ ହସ୍ପିଟାଲକୁ ଆସିବା ପରେ ବି ଠିକ୍ ସେବା ମିଳି ନ ଥିଲା।

ଉକ୍ତ ଡାକ୍ତରଖାନାରେ ଜ୍ୟୋର୍ତିମୟୀଙ୍କୁ ଆବର୍ସନ ପାଇଁ ଔଷଧ ଦିଆଯାଇଥିଲା। ହେଲେ ଏହା ପରର ଚିକିତ୍ସା କରାଯାଇ ନ ଥିବା ଅଭିଯୋଗ ହୋଇଛି। ଜ୍ୟୋର୍ତିମୟୀଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଜ୍ୟୋର୍ତିମୟୀଙ୍କ ସ୍ୱାମୀ ମୁନା ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ, ମୋ ସ୍ତ୍ରୀଙ୍କ ୨ ପିଲା ସିଜେରିଆନରେ ହୋଇଛି। ଏହାପରେ ଆମେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ନେଇଥିଲୁ। ତୃତୀୟ ସନ୍ତାନ ହେଲେ ମା'ପାଇଁ ବିପଦ ରହିଥିବାରୁ ଆମେ ଫାମିଲ ପ୍ଲାନିଂ ଅପରେଶନ କରାଇଥିଲୁ। ଜ୍ୟୋତିଙ୍କ ୩୧।୧।୨୦୨୩ରେ ନୟାଗଡ଼ ସନ୍‌ରାଇଜ ହସ୍ପିଟାଲରେ ଫାମିଲି ପ୍ଲାନିଂ ଅପରେଶନ କରାଇଥିଲୁ। ଏବେ ମୋ ସ୍ତ୍ରୀ ପୁଣିଥରେ ଗର୍ଭବତୀ ହେବା ପରେ ଆମ ପରିବାରରେ ଚିନ୍ତା ବଢ଼ିଥିଲା। ଆମେ ସନରାଇଜ ହସ୍ପିଟାଲକୁ ଆସିଲୁ। ହେଲେ ଆମକୁ ସରକାର ହସ୍ପିଟାଲକୁ ଯିବାକୁ ପରାମର୍ଶ ଦିଆଗଲା। ଆମେ ଅପରେଶନ ପାଇଁ ୨୦ ହଜାର ଟଙ୍କା ଦେଇଥିବାରୁ ସରକାରୀ ହସ୍ପିଟାଲକୁ କାହିଁକି ଯିବୁ ବୋଲି ପ୍ରଶ୍ନ କରିଥିଲୁ। ହେଲେ ଆମ ପ୍ରଶ୍ନର ଉତ୍ତର ମିଳି ନ ଥିଲା। ଆମକୁ ସେବା ନ ମିଳିବାରୁ ବାଧ୍ୟ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲୁ। ଡାକ୍ତର ଏସ. ଷଡ଼ଙ୍ଗୀ ଆମକୁ ବ୍ଲଡ ଟେଷ୍ଟ ପାଇଁ ଲେଖିଲେ। ଆମେ ପୁଣି ସନ୍‌ରାଇଜ ହସ୍ପିଟାଲକୁ ଯାଇ ରିପୋର୍ଟ ଦେଖାଇଲୁ। ହେଲେ ସ୍ତ୍ରୀ ଅଲଟ୍ରାସାଉଣ୍ଡ ଟେଷ୍ଟ କରାଇ ୮ ଶହ ଟଙ୍କା ନେଇଗଲେ। ଡାକ୍ତର ପରୀକ୍ଷଣ କରିବାକୁ ଲେଖି ନ ଥିବା ପଚାରିବାରୁ କିଛି ଅସୁବିଧା ନାହିଁ କହିଥିଲେ। ପରେ ଅଲଟ୍ରାସାଉଣ୍ଡ ରିପୋର୍ଟ ଦେଖାଇବାରୁ ସନରାଇଜରେ ଜଣେ ସରକାରୀ ଡାକ୍ତର ଆମକୁ କିଛି ଔଷଧ ଲେଖିଦେଲେ। ଆମେ ଔଷଧ କିଣି ଖାଇବା ପରେ ବ୍ଲିଡିଂ ବଢ଼ି ଚାଲିଲା। ସନ୍‌ରାଇଜ ହସ୍ପିଟାଲ ପକ୍ଷରୁ ସହଯୋଗ ମିଳିଲାନି। ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀଙ୍କୁ ଭର୍ତ୍ତି କରାଯାଇଛି। ବୁଧବାର ଆବର୍ସନ କରାଯାଇ ପାରେ। ମୋର ପ୍ରଶ୍ନ ବିନା ଡାକ୍ତର ପ୍ରେସ୍କ୍ରିପଶନରେ କିପରି ଅଲଟ୍ରାସାଉଣ୍ଡ କରାଗଲା। ଏବେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ଏ ସମ୍ପର୍କରେ ସିଡିଏମ୍‌ଓଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି। ଏନେଇ ସିଡିଏମ୍‌ଓ ରମାକାନ୍ତ ପଣ୍ଡା କୁହନ୍ତି, ଅଭିଯୋଗ ପାଇଛି। ରୋଗୀଙ୍କୁ ପ୍ରଥମେ ଚିକିତ୍ସା କରାଯାଇଛି। ପରେ ଏହି ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ପଦ୍ମବେଶରେ ଦର୍ଶନଦେଲେ ଗୋକୁଳାନନ୍ଦଜୀଉ



ଖଣ୍ଡପଡ଼ା,୧୯।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଗ୍ରାମର ପ୍ରଭୁ ଶ୍ରୀଗୋକୁଳାନନ୍ଦ ଜୀଉଙ୍କ ପୀଠରେ ଫଗୁ ଦଶମୀ ଅବସରରେ ଶ୍ରୀଜୀଉ ପଦ୍ମବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ମଙ୍ଗଳବାର ପ୍ରାତଃ ସମୟରେ ପ୍ରଭୁଙ୍କ ନୀତିକାନ୍ତି ଶେଷ ହେବା ପରେ ଗୋକୁଳାନନ୍ଦଙ୍କ ପାର୍ଶ୍ୱ ଠାକୁର ବାବା ଆଖଣ୍ଡଳେଶ୍ୱର, ପ୍ରଭୁ ଅଞ୍ଜନେୟ ଓ ପତିତପାବନଙ୍କୁ ନବବସ୍ତ୍ର ପରିଧାନ ପରେ ପୂଜକମାନେ ପ୍ରଭୁ ଗୋକୁଳାନନ୍ଦଙ୍କୁ ପଦ୍ମବେଶରେ ସଜ୍ଜିତ କରିଥିଲେ। ବିଗ୍ରହଙ୍କ ମନଲୋଭା ପଦ୍ମ ବେଶ ଦର୍ଶନ ସହ ଭୋଗଲାଗି ନିମନ୍ତେ ମନ୍ଦିର ପରିସରରେ ଦିନ ତମାମ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଗୋକୁଳାନନ୍ଦ ମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ଗଙ୍ଗାଧର ଷଡ଼ଙ୍ଗୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତିମାନେ ମନ୍ଦିର ପରିସରରେ ଉପସ୍ଥିତ ରହି ବିଗ୍ରହଙ୍କ ନୀତିକାନ୍ତି ପରିଚାଳନାରେ ସହଯୋଗ କରିଥିଲେ।

# ଅନିର୍ଦ୍ଧିଷ୍ଟ କାଳ ପାଇଁ ଆମରଣ ଅନଶନ

## ରାଜସୁନାଖଳାକୁ ଏନ୍‌ଏସି ମାନ୍ୟତା ଦାବି

ରଣପୁର/ନୟାଗଡ଼,୧୯।୩(ସୁକାନ୍ତ କିଶୋର ଡାକୁଆ/ଲୋକନାଥ ମିଶ୍ର)



ଆର୍ତ୍ତତ୍ରାଣ ପ୍ରଧାନ

ନୟାଗଡ଼ ଜିଲା ରଣପୁର ବ୍ଲକ ଅଧୀନରେ ଥିବା ରାଜସୁନାଖଳା ଓ ନରେନ୍ଦ୍ରପୁର ଆଦି ୨ ପଞ୍ଚାୟତକୁ ମିଶାଇ ରାଜସୁନାଖଳା ବିଜ୍ଞପିତ ଅଞ୍ଚଳ ପରିଷଦ ଗଠନ ହେଉ। ଏହାକୁ ରାଜ୍ୟ ସରକାର ଏନ୍‌ଏସି ମାନ୍ୟତା ପ୍ରଦାନ କରନ୍ତୁ ଦାବି ନେଇ ମଙ୍ଗଳବାରଠାରୁ ସାମାଜିକ କର୍ମୀ ତଥା ଖବରଦାତା ଆର୍ତ୍ତତ୍ରାଣ ପ୍ରଧାନ ନିଜ ସମର୍ଥକମାନଙ୍କ ସହିତ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନ ଆରମ୍ଭ କରିଛନ୍ତି। ସ୍ଥାନୀୟ ସିଟି ସ୍କୁଲ ପଡ଼ିଆରେ ଆରମ୍ଭ ହୋଇଥିବା ଏହି ଅନଶନ ଆଞ୍ଚଳିକ ବିକାଶ ପରିଷଦ ଆନୁକୂଲ୍ୟରେ ଚାଲିଛି। ଏହାକୁ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଖବରଦାତାଙ୍କ ସମେତ ବିଭିନ୍ନ ବର୍ଗର ଲୋକମାନେ ସମର୍ଥନ ଜଣାଇଛନ୍ତି। ସମ୍ପ୍ରତି ନିର୍ବାଚନ ପାଇଁ ଆଚରଣ ବିଧି ଲାଗିଥିବା ବେଳେ ସରକାର ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବାର ସମ୍ଭାବନା ନାହିଁ। ହେଲେ ଜିଲା ଓ ରାଜ୍ୟ ପ୍ରଶାସନିକ ଅଧିକାରୀଙ୍କଠାରୁ ପ୍ରତିଶ୍ରୁତି ପ୍ରଦାନ ପର୍ଯ୍ୟନ୍ତ ଆମରଣ ଅନଶନ ଜାରି ରହିବ ବୋଲି ପ୍ରଧାନ ସୂଚନା ଦେଇଛନ୍ତି। ସରକାର ନୟାଗଡ଼ ଜିଲାର କଣ୍ଟିଲୋ ଓ ଓଡ଼ଗାଁ ବ୍ଲକ ଅଧୀନରେ ଥିବା ଶରଣକୂଳ ସହିତ ରାଜ୍ୟର ଅନେକ ଅଞ୍ଚଳକୁ ସାଧାରଣ ନିର୍ବାଚନ ପୂର୍ବରୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିଥିବା ବେଳେ ରାଜସୁନାଖଳା ସେଥିରୁ ବାଦ ପଡ଼ିଛି। ଏହାର ପ୍ରତିବାଦରେ ଏହି ଆମରଣ ଅନଶନ ଆରମ୍ଭ ହୋଇଥିବା ସେ କହିଛନ୍ତି। ପୂର୍ବରୁ ଏ ସଂକ୍ରାନ୍ତରେ ଆର୍ତ୍ତତ୍ରାଣ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଜିଲାପାଳ, ଏସ୍‌ପି, ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ନଗର ଉନ୍ନୟନ ସଚିବଙ୍କୁ ଅନଶନ ପାଇଁ ସ୍ମାରକପତ୍ର ପଠାଇ ଅବଗତ କରିଛନ୍ତି।

# ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ବିକାଶରେ ଦେଶର ବିକାଶ

ରଣପୁର,୧୯।୩(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ହାଟସାହି ଥିବା ଚାରିଅଟ ପବ୍ଲିକ ସ୍କୁଲର ସପ୍ତମ ବାର୍ଷିକ ଉତ୍ସବ ରବିବାର ଓ ସୋମବାର ୨ଦିନ ଧରି ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ରଣପୁର ରାଜା ଦିଲୀପ ଚନ୍ଦ୍ର ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ କଞ୍ଜୁମର ଫୋରମର ପୂର୍ବତନ ସଭାପତି ନାରାୟଣ ମହାପାତ୍ର, ସମ୍ମାନୀତ ଅତିଥି ବିଜ୍ଞପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ରଙ୍ଗୀନ ମହାନ୍ତି, ଯୁବରାଜ କୋଶିକ ସିଂହଦେଓ, କିସ୍‌ର ଟ୍ରଷ୍ଟି ପ୍ରିୟାଂଶୁ ରଞ୍ଜନ ମିଶ୍ର, ମ୍ୟାନେଜିଂ ଟ୍ରଷ୍ଟି ସୁପ୍ରଭା ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ହୋଇପାରିଲେ ଦେଶର ବିକାଶ ହେବ। ଏଥିପାଇଁ ଶିକ୍ଷୟିତ୍ରୀ,ଶିକ୍ଷକ ଓ ଅଭିଭାବକମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସୁଜାତା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।

ସୋମବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରଣପୁର ବ୍ଲକ ଅଧକ୍ଷା ନିର୍ମଳା ବେହେରା, ମୁଖ୍ୟବକ୍ତା ଭାବେ ବ୍ଲକ ବିଶ୍ୱ ଗାୟତ୍ରୀ ପରିବାରର ପରିବ୍ରାଜକ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଓଡ଼ଗାଁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା କ୍ଲବ ବୁଲବୁଲର ରାଜ୍ୟ ସଂଯୋଜକ ରବିନ୍ଦ୍ର କୁମାର ନାୟକ, ବିଦ୍ୟାଳୟ ଟ୍ରଷ୍ଟି ସୁପ୍ରଭା ପ୍ରଧାନ, ବିଦ୍ୟାଳୟ ଚେୟାରମ୍ୟାନ ପ୍ରଭାତ କୁମାର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସମ୍ବର୍ଦ୍ଧିତ ହେଲେ ୨୧ ମେଧାବୃତ୍ତିଧାରୀ ଛାତ୍ରୀଛାତ୍ର

ଶରଣକୁଳ,୧୯।୩(ଦୀପକ କର)

ଚଳିତ ବର୍ଷର ତୃତୀୟ ଓ ପଞ୍ଚମ ଶ୍ରେଣୀ ସରକାରୀ ମେଧାବୃତ୍ତି, ଷଷ୍ଠ ଓ ନବମ ଶ୍ରେଣୀ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି, ଜାତୀୟ ଗ୍ରାମୀଣ ମେଧା ବୃତ୍ତି (ଏନ୍‌ଆରଟିଏସ୍ ) ଓ ରାଜ୍ୟସ୍ତରୀୟ ଶିକ୍ଷା ପରିଷଦ ମେଧାବୃତ୍ତି ପରୀକ୍ଷାରେ କେଏସ୍‌ବି ପବ୍ଲିକ ସ୍କୁଲ ଶରଣକୁଳର ମୋଟ ୨୧ ଜଣ ଛାତ୍ରୀଛାତ୍ର ବୃତ୍ତି ହାସଲ କରିଛନ୍ତି। ମଙ୍ଗଳବାର ଏହି ବୃତ୍ତିଧାରୀମାନଙ୍କୁ ସ୍କୁଲ ପରିସରରେ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ରୀ ଯଶସ୍ୱିନୀ ଦାଶ, ଦିବ୍ୟରଞ୍ଜନ ରାଉତ, ପଞ୍ଚମ ଶ୍ରେଣୀର ଛାତ୍ରୀ ଇପ୍ସିତା ମହାନ୍ତି ସରକାରୀ ମେଧାବୃତ୍ତି ହାସଲ କରିଥିବା ବେଳେ ଷଷ୍ଠ ଶ୍ରେଣୀର ସ୍ମାରକୀ ସୁମନ ତ୍ରିପାଠୀ, ପ୍ରିୟଦର୍ଶିନୀ ବରାଡ ଓ ସୌମେନ୍ଦ୍ର ସତ୍ୟଦର୍ଶୀ ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ହାସଲ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ସେହିପରି ଏହି ସ୍କୁଲର ନବମ ଶ୍ରେଣୀ ଛାତ୍ରୀ ପ୍ରିସ୍କିଲା ବେହେରା, ବିଷ୍ଣୁପ୍ରିୟା ମହାପାତ୍ର ଓ ଦିବ୍ୟଦର୍ଶିନୀ ଭଞ୍ଜ ଜାତୀୟ ଗ୍ରାମୀଣ ମେଧାବୃତ୍ତି ପାଇଛନ୍ତି। ଅନ୍ୟପକ୍ଷେ, ଏହି ବିଦ୍ୟାଳୟର ତୃତୀୟ ଶ୍ରେଣୀର ଯଶସ୍ୱିନୀ ଦାଶ, ଦିବ୍ୟ ରଞ୍ଜନ ରାଉତ, ଆଲୋକ କୁମାର ଦୋରା, ପଞ୍ଚମ ଶ୍ରେଣୀର ଇପ୍ସିତା ମହାନ୍ତି, ଆର୍ଯ୍ୟ ଅଂଶୁମାନ ଦାଶ, ଶୁଭଙ୍କର ସାହୁ, ବିଶ୍ୱଜିତ୍ ଦାଶ, ସପ୍ତମ ଶ୍ରେଣୀର ସୌମେନ୍ଦ୍ର ସତ୍ୟଦର୍ଶୀ, ସ୍ମାରକୀ ସୁମନ ତ୍ରିପାଠୀ, ଓମ୍ ପ୍ରକାଶ ପରିଡ଼ା, ପ୍ରିୟଦର୍ଶିନୀ ବରାଡ ଓ ବିବେକାନନ୍ଦ ସ୍ୱାଇଁ ପ୍ରମୁଖ ରାଜ୍ୟସ୍ତରୀୟ ଶିକ୍ଷା ପରିଷଦ ମେଧା ବୃତ୍ତି ହାସଲ କରିବାରେ ସକ୍ଷମ ହୋଇଛନ୍ତି। ସ୍କୁଲ ପରିସରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାଶ, ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ଅଧକ୍ଷ ନୀଳମାଧବ ତ୍ରିପାଠୀଙ୍କ ଉପସ୍ଥିତ ସମ୍ବର୍ଦ୍ଧିତ କରିଥିଲେ।



ସମ୍ବର୍ଦ୍ଧିତ ହୋଇଥିବା କୃତୀ ଛାତ୍ରୀଛାତ୍ର।

# ଖଣ୍ଡପଡ଼ା ଉପ ଡାକଘରେ ଏଟିଏମ୍ ପ୍ରତିଷ୍ଠା ଦାବି

ଖଣ୍ଡପଡ଼ା,୧୯।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅଞ୍ଚଳବାସୀଙ୍କୁ ଦୀର୍ଘ ବର୍ଷ ଧରି ସେବା ଯୋଗାଇ ଆସୁଥିବା ଖଣ୍ଡପଡ଼ା ଉପ ଡ଼ାକଘର ପରିସରରେ ଏକ ଏଟିଏମ କାଉଣ୍ଟର ସ୍ଥାପନ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। ଖଣ୍ଡପଡ଼ା ଉପ ଡାକଘର ଅଧୀନରେ ଏବେ ୧୯ ଶାଖା ଡାକଘର କାର୍ଯ୍ୟ କରୁଛି। ଆଖପାଖ ଅଞ୍ଚଳରେ ଶତାଧିକ ଜମାକାରୀ ଖଣ୍ଡପଡା ଉପ ଡ଼ାକଘରେ ବିଭିନ୍ନ ଯୋଜନାରେ ଦୈନିକ ଟଙ୍କା ଜମା ରଖୁଥିବା ବେଳେ ପ୍ରତ୍ୟେହ ଲକ୍ଷାଧିକ ଟଙ୍କା ଉପ ଡ଼ାକଘରେ ଦେଣ ନେଣ କରୁଛନ୍ତି। ସମୟାନୁକ୍ରମେ ଜମାକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ଡାକପାଳ ସନ୍ତୋଷ କୁମାର ବେହେରାଙ୍କ ଠାରୁ ସୂଚନା ମିଳିଛି। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜରୁରୀକାଳୀନ ପରିସ୍ଥିତି ଓ ଅସମୟରେ ଟଙ୍କା ଉଠାଣ ନିମନ୍ତେ ଖଣ୍ଡପଡା ଉପ ଡାକଘରେ ଏକ ଏଟିଏମ୍ କାଉଣ୍ଟର ପ୍ରତିଷ୍ଠା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିପ୍ରତି ଡ଼ାକ ବିଭାଗ ଓ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶାକର୍ମୀଙ୍କ ଧାରଣା

ଖଣ୍ଡପଡ଼ା,୧୯।୩
(ଅଜୟ କୁମାର ମହାରଣା)

ଓଡ଼ିଶା ଆଶାକର୍ମୀ ଆସୋସିଏଶନ ସିଆଇଟିୟୁ ଖଣ୍ଡପଡ଼ା କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଧାରଣା ଆରମ୍ଭ ହୋଇଛି। ୭୦ରୁ ଊର୍ଦ୍ଧ୍ୱ ଆଶାକର୍ମୀ ଉକ୍ତ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଖଣ୍ଡପଡ଼ା ସେକ୍ଟରର ସମସ୍ତ ଆଶାକର୍ମୀଙ୍କୁ ୨୦୨୩ ଡ଼ିସେମ୍ବର ଓ ୨୦୨୪ ଜାନୁଆରୀର ବେତନ ମିଳି ନ ଥିବାରୁ ପରିବାର ପ୍ରତିପୋଷଣରେ ସମସ୍ୟା ସୃଷ୍ଟି ହୋଇଛି। ବାରମ୍ବାର ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରି ଆସୁଥିଲେ ମଧ କୌଣସି ସୁଫଳ ମିଳୁ ନାହିଁ। ଫଳରେ ରାଜ୍ୟ ସଂଘର ଉପସଭାପତି ସୁରେଶ ଚନ୍ଦ୍ର ସାହୁ, ଆଶା ସଂଘର ସଭାନେତ୍ରୀ ରୁପ ମଞ୍ଜରୀ ସାହୁ, ସମ୍ପାଦିକା ବାସନ୍ତୀ ବେହେରାଙ୍କ ନେତୃତ୍ୱରେ ୭୦ରୁ ଊର୍ଦ୍ଧ୍ୱ ଆଶାକର୍ମୀ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇଛନ୍ତି ବୋଲି କହିଛନ୍ତି। ଦାବି ପୂରଣ ନ ହେଲେ ଅନିର୍ଦ୍ଧିଷ୍ଟ କାଳ ଯାଏ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ତେବେ ଏ ସମ୍ପର୍କରେ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିଷାର ପଣ୍ଡାଙ୍କ ସହ ଯୋଗାଯୋଗ କରିବାରେ ରାଜ୍ୟ ସରକାରଙ୍କ କିମ୍ବା ଜିଲା ପ୍ରଶାସନ ପାଖରେ ସମ୍ପ୍ରତି ଅର୍ଥର ଅଭାବ ରହିଥିବାରୁ ବକେୟା ବେତନ ପ୍ରଦାନ କରିବା ସମ୍ଭବ ନୁହେଁ। ତେବେ ରାଜ୍ୟ ସରକାର ଘୋଷଣା କରିଥିବା ବର୍ଦ୍ଧିତ ଅନୁଦାନ ରାଶିକୁ ଆସନ୍ତା ଦୁଇ ଦିନ ମଧରେ ପ୍ରଦାନ କରାଯିବ ବୋଲି ସୂଚନା ଦେବା ପରେ ଆଶାକର୍ମୀମାନେ ଆନ୍ଦୋଳନରୁ ଓହରି ଯାଇଥିବା ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର ଆଶାକର୍ମୀଙ୍କୁ ପୂର୍ବରୁ ୧୦୦୦ଟଙ୍କା ଦେଉଥିବା ବେଳେ ଏବେ ୨୫୦୦ଟଙ୍କା ବୃଦ୍ଧି କରିଥିବା ଘୋଷଣା କରିଛନ୍ତି। ଏଣୁ ସମୁଦାୟ ୩୫୦୦ ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ପଣ୍ଡା ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।




ଧାରଣାରେ ବସିଥିବା ଆଶାକର୍ମୀ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବୀଣାପାଣି



@ ଗଣେଶ୍ୱର



@ ପଦ୍ମନାଭ



@ ଶ୍ରୀଧର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମରାମତି ହେଲା ପାଣି ପାଇପ

ଦଶପଲ୍ଲା,୧୯।୩(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଏନଏସି ଅନ୍ତର୍ଗତ ୧୨ ନମ୍ବର ୱାର୍ଡ ଜଗାପୁର୍ ରୋଡ ଦେଇ ଯାଇଥିବା ଜଳ ଯୋଗାଣ ପାଇପ୍ ଫାଟି ଦୀର୍ଘଦିନ ହେଲା ରାସ୍ତାରେ ପାଣିର ସୁଅ ଛୁଟିଥିଲା। ଜନସାଧାରଣ ଯାତାୟତ କରି ପାରୁ ନ ଥିଲେ। ଫଳରେ ଲୋକମାନେ ପାନୀୟ ଜଳ ପାଇଁବହୁହଇରାଣର ସମ୍ମୁଖୀନ ହେଉଥିଲେ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜନସାଧାରଣ ଅବଗତ କରିବା ପରେ ତାହା ମରାମତି କରାଯାଇଛି।

